
# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 13, ISSUE NO. - 19, DATE : 15.01.2026 - 31.01.2026 FORTNIGHTLY (ODIA), BHUBANESWAR. PAGES-08

ଭ୍ଲାଦିମିର ଲେନିନ୍
ଜନ୍ମ - ୨୨ ଏପ୍ରିଲ ୧୮୭୦
ମୃତ୍ୟୁ -୨୧ଜାନୁଆରୀ ୧୯୨୪

*" ଏହା ସମସ୍ତେ ଜାଣନ୍ତି ଯେ ବୁର୍ଜୁଆ ରାଜନୀତିବିତ୍ ମାନେ ଜନସାଧାରଣଙ୍କୁ ପ୍ରତାରିତ କରିବାପାଇଁ ସବୁ ସମୟରେ ନାନା ଧରଣର କାର୍ଯ୍ୟକ୍ରମ, ସ୍ଲୋଗାନ ଓ ମଞ୍ଚ ଉପସ୍ଥାପନ କରନ୍ତି। ବୁର୍ଜୁଆ ରାଜନୀତିବିତ୍ ମାନେ ସଦାସର୍ବଦା, ବିଶେଷ କରି ନିର୍ବାଚନ ପୂର୍ବରୁ ଲୋକଙ୍କୁ ପ୍ରତାରିତ କରିବା ଓ ଭୋଟ ପାଇବାର ଏକମାତ୍ର ଉଦ୍ଦେଶ୍ୟରେ ନିଜକୁ ଉଦାର, ପ୍ରଗତିଶୀଳ, ଗଣତାନ୍ତ୍ରିକ, ଏପରିକି 'ଉଗ୍ର ସମାଜବାଦୀ' ବୋଲି ପ୍ରଚାର କରନ୍ତି। ସମସ୍ତ ପୁଞ୍ଜିବାଦୀ ଦେଶରେ ଏହା ଏକ ସାର୍ବଜନୀନ ବିଷୟ। ସେଥିପାଇଁ ମାର୍କ୍ସ ଓ ଏଙ୍ଗେଲ୍ସ ବୁର୍ଜୁଆ ଲୋକ ପ୍ରତିନିଧି( Deputy ) ମାନଙ୍କ ସଂପର୍କରେ ଏପରିକି କହିଥିଲେ ଯେ, ସେମାନେ ଜନସାଧାରଣଙ୍କୁ ପ୍ରତିନିଧିତ୍ୱ କରନ୍ତି ଏବଂ ନିଜର ସଂସଦୀୟ କ୍ଷମତା ଜରିଆରେ ଜନସାଧାରଣଙ୍କୁ ଦମନ କରନ୍ତି। "*

*(The New Senate Interpretation Collected Works, Vol-11, Page-33 )*

# ପ୍ରୟାତ କମ୍ରେଡ୍ ବୀଣାପାଣି ଦାସଙ୍କ ରାଜ୍ୟସ୍ତରୀୟ ସ୍ମରଣ ସଭା

## କମ୍ରେଡ୍ ବୀଣାପାଣି ଦାସ ଏକ ନୀତି ଭିତ୍ତିକ ଆଦର୍ଶଗତ ସଂଗ୍ରାମର ସୃଷ୍ଟି

କମ୍ରେଡ୍ ବୀଣାପାଣି ଦାସଙ୍କ ଚରିତ୍ରର ବହୁ ଗୁରୁତ୍ୱପୂର୍ଣ୍ଣ ଦିଗ ବକ୍ତାମାନେ ଏଠି ରଖିଛନ୍ତି। କିନ୍ତୁ ପ୍ରଶ୍ନ ହେଲା, ଏହି ଚରିତ୍ରର ଅଧିକାରିଣୀ ସେ କିପରି ହେଲେ? ଏହା କଣ ଆକସ୍ମିକ ନା ନିଛକ ଏକ ବ୍ୟକ୍ତିଗତ ସଂଗ୍ରାମ? ମୁଁ ମନେକରେ, ତା' ନୁହେଁ, ଏହା ଏକ ନୀତିଭିତ୍ତିକ ଆଦର୍ଶଗତ ସଂଗ୍ରାମର ଫଳ। ମାର୍କ୍ସବାଦ-ଲେନିନବାଦର ବିଚାର ଧାରାକୁ ଭିତ୍ତିକରି ସେହି ଆଦର୍ଶଗତ ସଂଗ୍ରାମ। ଏକଥା ଠିକ୍ ବଡ ଚରିତ୍ରର ବୈଶିଷ୍ଟ୍ୟ ଅର୍ଜନ କରିବା ପାଇଁ ସଂଗ୍ରାମ ଦରକାର, ଜୀବନ ସଂଗ୍ରାମ ଦରକାର। ମାତ୍ର ଯେକୌଣସି ପ୍ରକାରର ଜୀବନ ସଂଗ୍ରାମ ଦ୍ୱାରା ବଡ ଚରିତ୍ର ଅର୍ଜନ କରାଯାଇପାରେନା। ଏକ ବିଶେଷ ପରିସ୍ଥିତିରେ ଏକ ବିଶେଷ ସମୟରେ ସମାଜର ସର୍ବଶ୍ରେଷ୍ଠ ଆଦର୍ଶକୁ ଭିତ୍ତି କରି ଯଦି ସଠିକ୍ ପ୍ରକ୍ରିୟାରେ ସଂଗ୍ରାମ ପରିଚାଳିତ ହୁଏ, ତେବେ ବଡ ଚରିତ୍ର ଅର୍ଜନ କରିବା ସମ୍ଭବ। ଏ ଯୁଗର ସର୍ବଶ୍ରେଷ୍ଠ ଆଦର୍ଶ ହେଉଛି ମାର୍କ୍ସବାଦ-ଲେନିନବାଦକୁ ଭିତ୍ତିକରି କମ୍ୟୁନିଷ୍ଟ ଆଦର୍ଶ। ଏହି ମତାଦର୍ଶ ଭିତ୍ତିରେ ସଂଗ୍ରାମ ମଧ୍ୟ ଦେଇ କମ୍ରେଡ ବୀଣାପାଣି ଦାସଙ୍କ ମଧ୍ୟରେ ତାଙ୍କ ଚରିତ୍ରର ଗୁଣାବଳୀ ଗୁଡିକ ଗଢିଉଠିବା ସମ୍ଭବ ହୋଇଥିଲା।

ପାର୍ଟିର କେନ୍ଦ୍ରୀୟ କମିଟି ସଭ୍ୟ ତଥା ରାଜ୍ୟ କମିଟି ସଂପାଦକ କମ୍ରେଡ୍ ଶଙ୍କର ଦାସଗୁପ୍ତ ତାଙ୍କ ବକ୍ତବ୍ୟର ପ୍ରାରମ୍ଭରେ ଏକଥା କହିଲାବେଳକୁ ସ୍ମରଣ ସଭା ପ୍ରାୟ ୨ ଘଣ୍ଟା ବିତି ସାରିଥାଏ। ହେଲେ ଶହୀଦଭବନର ସଭା କକ୍ଷରେ ଉପସ୍ଥିତ ଜନତାଙ୍କ ମଧ୍ୟରେ ଧୈର୍ଯ୍ୟ, ଏକାଗ୍ରତା ତିଳେମାତ୍ର ଭଙ୍ଗ ହେବାର ନାହିଁ। ଅଭୁତପୂର୍ବ ଗାମ୍ଭୀର୍ଯ୍ୟପୂର୍ଣ୍ଣ ନିରବତା ଚତୁର୍ଦ୍ଦିଗରେ ଛାଇ ଯାଇଥିଲା। ରାଜ୍ୟ ସଂପାଦକ କହୁଥିଲେ, 'ମହାନ ନେତା କମ୍ରେଡ ଶିବଦାସ ଘୋଷ ଶିକ୍ଷା ଦେଇଛନ୍ତି, ପ୍ରତ୍ୟେକ ମଣିଷ ଦୋଷ ଗୁଣର ସମ୍ମିଶ୍ରଣର ମଣିଷ। ..... ପୁଣି ଏହା ମଧ୍ୟ ବୁଝିବାକୁ ହେବ ଦୋଷ ଓ ଗୁଣାବଳୀର ଧାରଣା ପ୍ରତ୍ୟେକ ମଣିଷ ପାଇଁ ସମାନ ନୁହେଁ, ସଂଗ୍ରାମର ସୂଚନା ପର୍ବରେ ଓ ଚରିତ୍ରର ଉତ୍ତରୋତ୍ତର ବିକାଶ ସ୍ତରରେ ଏହି ଦୋଷ ଗୁଣର ଧାରଣା ସମାନ ସ୍ତରରେ ରହେନା। କମ୍ରେଡ୍ ବୀଣାପାଣି ଦାସ ଜାଣିଥିଲେ ତାଙ୍କର ସଂଗ୍ରାମର ରାସ୍ତାରେ ଆହୁରି ଅନେକ ସଂଗ୍ରାମର ପ୍ରୟୋଜନ ଥିଲା ଏବଂ ସେହି ସଂଗ୍ରାମ କରୁ କରୁ ହିଁ ତାଙ୍କ ଜୀବନାବସାନ ଘଟିଛି।'

..... ମହାନ ମାର୍କ୍ସବାଦ-ଲେନିନବାଦ ଏକ ବିଜ୍ଞାନ ସମ୍ମତ ଦର୍ଶନ। ପ୍ରକୃତି ବିଜ୍ଞାନ, ସମାଜ ବିଜ୍ଞାନ, ବିଜ୍ଞାନର ବିଭିନ୍ନ ଶାଖା ପ୍ରଶାଖାକୁ ସଂଯୋଜିତ କରି ତା'ର ସାଧାରଣ ସତ୍ୟକୁ ସଂଯୋଜିତ ଓ ସମନ୍ୱିତ କରି ମାର୍କ୍ସବାଦ ସମସ୍ତ ବିଜ୍ଞାନର ବିଜ୍ଞାନଭାବେ ଆବିର୍ଭୂତ ହୋଇଛି। ମାର୍କ୍ସବାଦ ନିଛକ ଏକ ଅର୍ଥନୈତିକ ତତ୍ତ୍ୱ ନୁହେଁ, ନିଛକ ଏକ ରାଜନୈତିକ ତତ୍ତ୍ୱ ନୁହେଁ, ମାର୍କ୍ସବାଦ ଜୀବନର ସମସ୍ତ ଦିଗକୁ ବ୍ୟାପ୍ତ କରି ଏକ ସାମଗ୍ରିକ ଜ୍ଞାନ ଭଣ୍ଡାର ସୃଷ୍ଟି କରିଛି। ଯେହେତୁ ଏହା ଏକ ବିଜ୍ଞାନ, ସେହେତୁ ଏହାର ପରିସର କ୍ରମାଗତ ବିସ୍ତାରିତ ହେଉଛି, ସମୃଦ୍ଧ ହେଉଛି। ଜୀବନର ସମସ୍ତ ଦିଗକୁ ବ୍ୟାପ୍ତ କରି ସଂଗ୍ରାମ ନକଲେ ବଡ କମ୍ୟୁନିଷ୍ଟ ଚରିତ୍ର ଅର୍ଜନ କରିବା ସମ୍ଭବ ନୁହେଁ। କମ୍ରେଡ୍ ଶିବଦାସ ଘୋଷ ମହାନ ମାର୍କ୍ସ, ଏଙ୍ଗେଲସ୍, ଲେନିନ, ଷ୍ଟାଲିନ, ମାଓ ସେତୁଂଙ୍କ ଜୀବନ ସଂଗ୍ରାମ ଯେମିତି ଆମ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି, ସେଥିରୁ ଆମେ ଏହା ଶିଖିଛୁ।




କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ୍ ଦ୍ୱାରିକାନାଥ ରଥ



ଲେନିନ କହିଛନ୍ତି ଗୋଟିଏ ଦେଶରେ ବିପ୍ଲବ ପାଇଁ ଦରକାର ବିପ୍ଳବୀ ତତ୍ତ୍ୱ। କମ୍ରେଡ୍ ଶିବଦାସ ଘୋଷ ଏହାକୁ ବ୍ୟାଖ୍ୟା କରି କହିଛନ୍ତି, ଏହି ସଠିକ ବିପ୍ଳବୀ ତତ୍ତ୍ୱ କହିଲେ ଲେନିନ ବୁଝାଇଥିଲେ ଏହି ତତ୍ତ୍ୱ କେବଳ ଅର୍ଥନୈତିକ ଓ ରାଜନୈତିକ ବିଷୟ ନୁହେଁ। ଏହା ଜୀବନର ସମସ୍ତ ଦିଗକୁ ବ୍ୟାପ୍ତ କରି ଏକ ବିପ୍ଳବୀ ତତ୍ତ୍ୱ। ସେଥିପାଇଁ ଆମର ଜୀବନ ସଂଗ୍ରାମ ସଂପର୍କରେ ତାଙ୍କର ଶିକ୍ଷା ହେଉଛି, ବିପ୍ଳବ ଅପେକ୍ଷା ବଡ ସଂପଦ, ବିପ୍ଳବୀ ଜୀବନ ଅପେକ୍ଷା ମହତ୍ତର ଜୀବନ ଆଉ କିଛି ନାହିଁ। କମ୍ରେଡ୍ ବୀଣାପାଣି ଦାସ ଏହି ବିପ୍ଳବୀ ଶିକ୍ଷାଦ୍ୱାରା ପରିଚାଳିତ ହୋଇଥିଲେ, ସଂଗ୍ରାମ କରିଥିଲେ। .......... ଆମକୁ ଆମର ଜୀବନର ଟିକିନିଖି ସମସ୍ତ ଦିଗକୁ ସମନ୍ୱିତ କରି ଏହି ସଂଗ୍ରାମରେ ବ୍ରତୀ ହେବାକୁ ପଡିବ। ଯଦି ଆମେ ଏହି ସଂଗ୍ରାମ କରିପାରୁ ତା'ହେଲେ ଜୀବନର ଯଥାର୍ଥ ଆତ୍ମମର୍ଯ୍ୟାଦା ଅର୍ଜନ କରିବା ସମ୍ଭବ ହେବ। ଆତ୍ମ ମର୍ଯ୍ୟାଦା ଓ ଅହଂକାର ସମାନ ନୁହେଁ। ଗୋଟିଏ ବିଶେଷ ଯୁଗର, ବିଶେଷ ସମୟର ସର୍ବଶ୍ରେଷ୍ଠ ଆଦର୍ଶକୁ ଜୀବନରେ ଗ୍ରହଣ କରି ଯିଏ ସଂଗ୍ରାମ କରିପାରେ ସେ ହିଁ ଆତ୍ମ ମର୍ଯ୍ୟାଦାର ସନ୍ଧାନ

*(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)*

### ଭିତର ପୃଷ୍ଠାରେ


★ ସୋସାଲ ମିଡିଆ ପ୍ରିଣ୍ଟ ମିଡିଆର ବିକଳ୍ପ ନୁହେଁ । ଏହା ସହାୟକ ଭୂମିକା ପାଳନ କରିବ - ପ୍ରଭାସ ଘୋଷ
★ ପ୍ରଦୂଷଣ ପ୍ରମାଣ ପତ୍ର ନାମରେ ଶୋଷଣ
★ ମଣ୍ଡି ସଙ୍କଟ ପାଇଁ ରାଜ୍ୟ ବ୍ୟାପୀ ଚାଷୀଙ୍କ ହାହାକାର ରାଜ୍ୟ ବିଜେପି ସରକାର ବେଫିକର

# ସୋସାଲ ମିଡିଆ ପ୍ରିଣ୍ଟ ମିଡିଆର ବିକଳ୍ପ ନୁହେଁ । ଏହା ସହାୟକ ଭୂମିକା ପାଳନ କରିବ - ପ୍ରଭାସ ଘୋଷ

*(ବିପ୍ଳବୀ ଆନ୍ଦୋଳନରେ ପ୍ରୟୋଜନରେ ସୋସାଲ ମିଡିଆ ମଂଚଗୁଡିକୁ କିଭଳି ବ୍ୟବହାର କରିବା ପ୍ରୟୋଜନ, ଏହି ବିଷୟବସ୍ତୁ ଉପରେ ଗତ ନଭେମ୍ବର ୯ ଓ ୧୦ ତାରିଖ, ପାର୍ଟି କେନ୍ଦ୍ରୀୟ କମିଟିର ଉଦ୍ୟୋଗରେ ଏକ କର୍ମଶାଳା କୋଲକାତାଠାରେ ଅବସ୍ଥିତ ଦଳର କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଦୁଇଦିନ ଧରି ଅନୁଷ୍ଠିତ ଏହି କର୍ମଶାଳାରେ ଉଦ୍‌ଯାପନୀ ବକ୍ତବ୍ୟ ରଖିଥିଲେ ଏସ୍‌ୟୁସିଆଇ(ସି)ର ସାଧାରଣ ସଂପାଦକ କମ୍ରେଡ୍ ପ୍ରଭାସ ଘୋଷ। ସେହି ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟର ଓଡିଆ ଭାଷାନ୍ତର ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ପ୍ରକାଶ କରୁଛୁ। ସଂପାଦକ- ସର୍ବହରା କ୍ରାନ୍ତି)*

ପ୍ରିୟ କମ୍ରେଡ୍ ମାନେ,

ଆପଣମାନଙ୍କୁ ମୋର ବୈପ୍ଳବିକ ଅଭିନନ୍ଦନ ଜ୍ଞାପନ କରୁଛି।

ଭାରତର ସର୍ବହରା ଶ୍ରେଣୀର ବିପ୍ଳବୀ ଦଳ ପକ୍ଷରୁ ସୋସାଲ ମିଡିଆ ପ୍ଲାଟ୍‌ଫର୍ମକୁ କିଭଳି ବ୍ୟବହାର କରିବା ଉଚିତ, ଏହି ବିଷୟକୁ ନେଇ ଆପଣମାନଙ୍କ ଦ୍ୱାରା ଏହି ୱାର୍କସପ୍ ଆୟୋଜନ କରିବାର ଉଦ୍ୟୋଗକୁ ମୁଁ ସ୍ୱାଗତ ଜଣାଉଛି। ଏ ବିଷୟରେ ଆଲୋଚନା କରିବାକୁ ମୁଁ ବାଧ୍ୟ ହେଉଛି। ଯଦିଓ ଇତିପୂର୍ବରୁ ଏ ସଂପର୍କରେ ମୁଁ କୌଣସି ଦିନ କିଛି କହିନାହିଁ। ଏହି କ୍ଷେତ୍ରଟି ସଂପର୍କରେ କାର୍ଯ୍ୟତଃ ମୋର କୌଣସି ଧ୍ୟାନଧାରଣା ନାହିଁ। କୌଣସି ଆଲୋଚନା ଶେଷରେ ଉପସଂହାରରେ ବକ୍ତବ୍ୟ ରଖିବାର ଅର୍ଥ ହେଉଛି, ଆଲୋଚନାରେ ଆସିଥିବା ସମସ୍ତ ପଏଣ୍ଟଗୁଡିକୁ ଗୋଟିଏ ସୂତ୍ରରେ ସଂଯୋଜିତ କରି ଆପଣମାନଙ୍କର କରଣୀୟ କର୍ତ୍ତବ୍ୟ ସଂପର୍କରେ ଗାଇଡଲାଇନ୍ ଦେବା। ଅଥଚ, ଏଠାରେ ଆପଣମାନେ ଦୁଇଦିନ ଧରି ଯେଉଁ ଆଲୋଚନା କରିଛନ୍ତି, ମୁଁ ସେଥିରେ କୌଣସି ଭାବେ ଅଂଶଗ୍ରହଣ କରିପାରିନାହିଁ। ତା' ସତ୍ତ୍ୱେ ବି ମୁଁ ଆପଣମାନଙ୍କ ସମ୍ମୁଖରେ କିଛି କଥା କହିବି।

ଏକଥା ସତ୍ୟ ଯେ, ସୋସାଲ ମିଡିଆ ଏକ ଶକ୍ତିଶାଳୀ ପ୍ରୋପାଗଣ୍ଡାର ହତିଆର ଭାବେ ବିକଶିତ ହୋଇଛି। ଏହା ମଧ୍ୟ ସତ୍ୟ ଯେ, ବୁର୍ଜୁଆ ଶ୍ରେଣୀ ସ୍ୱାର୍ଥ ଏବଂ ସେହି ଶ୍ରେଣୀସ୍ୱାର୍ଥର ପ୍ରତିନିଧିମାନେ ଏବଂ ତା' ସହିତ ବୁର୍ଜୁଆ ଦଳଗୁଡିକ ଏହି ସୋସାଲ ମିଡିଆକୁ ନିୟନ୍ତ୍ରଣ କରନ୍ତି। ସେମାନଙ୍କର ନିଜସ୍ୱ ଶ୍ରେଣୀସ୍ୱାର୍ଥରେ ହିଁ ସେମାନେ ଏହାକୁ ବ୍ୟବହାର କରନ୍ତି। ଏହାର ବିରୁଦ୍ଧତା କରିବା, ଏହାର ଚରିତ୍ର ଉଦ୍‌ଘାଟିତ କରିବା ଏବଂ ସର୍ବହରା ବିପ୍ଳବୀ ଦୃଷ୍ଟିଭଙ୍ଗୀ ଦ୍ୱାରା ପରିଚାଳିତ ହୋଇ ଜନଗଣଙ୍କର ମନ ଓ ଭାବନାର ଜଗତକୁ ଏହିସବୁ କ୍ଷତିକାରକ ପ୍ରଭାବରୁ ମୁକ୍ତ କରିବା ମଧ୍ୟ ପ୍ରୟୋଜନ। ସୁତରାଂ ଏ କ୍ଷେତ୍ରରେ ଏହା ମଧ୍ୟ ଏକ ଶ୍ରେଣୀ ସଂଗ୍ରାମ।

ଏଠାରେ ଉପସ୍ଥିତ କମ୍ରେଡ୍‌ମାନେ ଟେକନିକାଲ ଦିଗରୁ ପାରଦର୍ଶୀ। ଦଳର ସିନିୟର ନେତାମାନେ ମୋତେ କହିଛନ୍ତି, ସେମାନଙ୍କର ମଧ୍ୟରୁ ଅନେକହିଁ ଏ ଫିଲ୍ଡରେ ବିକଶିତ ହେଉଛନ୍ତି। ଅଗ୍ରଗତି କରୁଛନ୍ତି। କିନ୍ତୁ ମୁଁ ମନେକରେ, କାରିଗରୀ ଜ୍ଞାନ ହିଁ ଯଥେଷ୍ଟ ନୁହେଁ। ଭଲ ପ୍ରଚାରକ ହେବାକୁ ହେଲେ, ଜଣକୁ ନିଶ୍ଚିତଭାବେ ହିଁ ତତ୍ତ୍ୱଗତ, ରାଜନୈତିକ ଏବଂ ସାଂଗଠନିକ ଭାବେ ଏବଂ ସାଂସ୍କୃତିକଭାବେ ଉପଯୁକ୍ତ ହେବାକୁ ପଡିବ। ଏହାର ଅପରିହାର୍ଯ୍ୟ ପ୍ରୟୋଜନ ରହିଛି। ସୋସାଲ ମିଡିଆ ବ୍ୟବହାର କରିବା କ୍ଷେତ୍ରରେ ଏହା ଅନ୍ୟତମ ପୂର୍ବ ସର୍ତ୍ତ। ସେଥିପାଇଁ ହିଁ ଯେଉଁ କମ୍ରେଡ୍ ମାନେ ଶ୍ରେଣୀ ସଂଗ୍ରାମ ମଧ୍ୟରେ ନିଜକୁ ଯୁକ୍ତକରି ନିପୀଡିତ ଜନଗଣଙ୍କ ପ୍ରତି ଯଥାର୍ଥ ଆବେଗ ଓ ଦାୟବଦ୍ଧତା ନେଇ ଚାଲିଛନ୍ତି, ସେମାନେ ହିଁ ଭଲ ପ୍ରଚାରକ ହୋଇପାରିବେ। ଏହି ମନୋଭାବ ଉପରଠାଉରିଆ ହେଲେ ଚଳିବ ନାହିଁ। ତା' ସୁନିର୍ଦ୍ଦିଷ୍ଟ ହେବ। ମୋର ହୃଦୟ, ମୋର ବିବେକ, ମର୍ଯ୍ୟାଦା, ଫୁଟପାଥରେ, ରାସ୍ତା କଡରେ ଯେଉଁ ଲୋକମାନେ ବାସ କରନ୍ତି ସେମାନଙ୍କ ପାଇଁ ବ୍ୟଥା ଅନୁଭବ କରେ। ଯେଉଁମାନେ ଭିକ୍ଷୁକ ଦୁଇ ମୁଠା ଅନ୍ନ ପାଇଁ ଯେଉଁମାନେ ରାସ୍ତାରେ ବସି କାନ୍ଦୁଛନ୍ତି, ମୁଁ ସେମାନଙ୍କ ପାଇଁ ଭାବେ। ମୋର ହୃଦୟ ସର୍ବଦା ଏହି ଭାବନାରେ ହିଁ ଛଟପଟ କରେ। ଏଥିପାଇଁ ହିଁ ମୁଁ ଶୋଷଣ ମୁକ୍ତିର ରାସ୍ତା ଖୋଜୁଛି। ଏହି ମାନସିକତା ହିଁ ଜଣକୁ ବିପ୍ଳବୀ ହିସାବରେ, କମ୍ୟୁନିଷ୍ଟ ହିସାବରେ ତିଆରି କରେ। ଏଥିପାଇଁ ମାର୍କ୍ସବାଦ-ଲେନିନବାଦ- କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତାଧାରାରୁ ବିପ୍ଳବୀ ଜ୍ଞାନ ଆମର ଅର୍ଜନ କରିବା ପ୍ରୟୋଜନ। ଏହା ସବୁ ସମୟର ସଂଗ୍ରାମ। କୌଣସି ଏକ ବିଶେଷ ପର୍ଯ୍ୟାୟର, ଗୋଟିଏ ମୁହୂର୍ତ୍ତର ସଂଗ୍ରାମ ନୁହେଁ। ଏହା ସର୍ବକ୍ଷଣ ସଂଗ୍ରାମ। ମୋର ମନ ଏହି ଚିନ୍ତାରେ ହିଁ ସର୍ବକ୍ଷଣ ମଗ୍ନ ହେଇ ଅଛି। ଜଣେ କମ୍ରେଡ୍ କାରିଗରୀ ଦିଗରୁ ଅନେକ ଦକ୍ଷ ହୋଇପାରନ୍ତି, ମାତ୍ର କେବଳ ତା'ଦ୍ୱାରା କାମ ହେବ ନାହିଁ। ମୁଁ ଯାହା ପ୍ରଚାର କରିବି ତାକୁ ଜୀବନ୍ତ ଓ ସୁନିର୍ଦ୍ଦିଷ୍ଟ ଭାବରେ ରୂପ ଦେବାକୁ ହେବ। ଯାହା ଜନଗଣଙ୍କୁ ଶିକ୍ଷିତ, ଆଲୋକିତ ଓ ଅନୁପ୍ରାଣିତ କରିବ। ସେମାନଙ୍କୁ ଐକ୍ୟବଦ୍ଧ ଓ ସଂଗଠିତ ହେବାରେ ସାହାଯ୍ୟ କରିବ। ସୁତରାଂ ଯେଉଁମାନେ ଏ କ୍ଷେତ୍ରରେ ସଂଗ୍ରାମ କରିବେ, ସେମାନଙ୍କୁ ଗୋଟିଏ ଘରେ ଆବଦ୍ଧ ରହିଲେ ଚଳିବ ନାହିଁ। ସେମାନଙ୍କୁ ନିଶ୍ଚିତଭାବେ ହିଁ ଶ୍ରେଣୀ ସଂଗ୍ରାମ, ରାସ୍ତାଘାଟର ସଂଗ୍ରାମରେ ବ୍ୟାପୃତ ରହିବାକୁ ହେବ।

ବର୍ତ୍ତମାନ ସମଗ୍ର ବିଶ୍ୱରେ କ'ଣ ଘଟୁଛି ? ଆପଣମାନେ ଯେଉଁ କମ୍ରେଡ୍‌ମାନେ ଏଠି ଅଛନ୍ତି ସେମାନେ ଏସବୁ ବିଷୟରେ ଜାଣନ୍ତି। ଫଳରେ ମୋର ତତ୍ତ୍ୱଗତ ଭାବେ ବ୍ୟାଖ୍ୟା କରିବାର ପ୍ରୟୋଜନ ନାହିଁ। ବିଶ୍ୱରେ ବର୍ତ୍ତମାନ ଗୋଟିଏ ଦିଗରେ ମାର୍କିନ ସାମ୍ରାଜ୍ୟବାଦ ଓ ଅନ୍ୟଦିଗରେ ଚୀନ ସାମ୍ରାଜ୍ୟବାଦ, ଏହି ଦୁଇଶକ୍ତି ଜଣେ ଅନ୍ୟଜଣଙ୍କ ସହିତ ପ୍ରବଳ ସଂଘର୍ଷରେ ଲିପ୍ତ। ଦ୍ୱିତୀୟ ପର୍ଯ୍ୟାୟର ସାମ୍ରାଜ୍ୟବାଦୀ ଶକ୍ତି ମଧ୍ୟ ଅଛନ୍ତି। ତୃତୀୟ ପର୍ଯ୍ୟାୟର ସାମ୍ରାଜ୍ୟବାଦୀ ଶକ୍ତି ମଧ୍ୟ ଅଛନ୍ତି। ଭାରତ ହେଉଛି ଏହି ତୃତୀୟ ସ୍ତରର ଏକ ଶକ୍ତି। ଦ୍ୱିତୀୟ ସ୍ତରର ସାମ୍ରାଜ୍ୟବାଦୀ ଶକ୍ତିଗୁଡିକ ହେଉଛନ୍ତି, ୟୁରୋପର ରାଷ୍ଟ୍ରମାନେ ଏବଂ ଜାପାନ। ବାଣିଜ୍ୟ ଯୁଦ୍ଧ ପ୍ରକୃତରେ ଏକ ପ୍ରକ୍ସି ଯୁଦ୍ଧ। ବସ୍ତୁତଃ, ଏହା ବି ଏକ ଯୁଦ୍ଧ। ଏହା ପାଖାପାଖି ସଶସ୍ତ୍ର ଯୁଦ୍ଧ ମଧ୍ୟ ଚାଲିଛି।

ଆଂଚଳିକ ବା ରିଜିଓନାଲ ଯୁଦ୍ଧ ବର୍ତ୍ତମାନ ଆଉ ନିଛକ ଆଂଚଳିକ ଯୁଦ୍ଧ ହୋଇ ରହିନାହିଁ। ସମସ୍ତ ବୃହତ ଶକ୍ତି ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ଏହା ସହିତ ଯୁକ୍ତ। ଚୀନ ସାମ୍ରାଜ୍ୟବାଦ ଯେ ଏହାସହିତ ଯୁକ୍ତ ନାହିଁ, ଏଭଳି ଭାବିବେ ନାହିଁ। ସେମାନେ ମଧ୍ୟ ଏହା ସହିତ ଯୁକ୍ତ। ଆରବ ଜଗତ ଏବଂ ଆଫ୍ରିକାର ଦେଶଗୁଡିକରୁ ମାର୍କିନ ସାମ୍ରାଜ୍ୟବାଦ ହଟିଗଲେ ଚୀନ ସାମ୍ରାଜ୍ୟବାଦ ସେହି ସୁଯୋଗରେ ସେଠି ପ୍ରବେଶ କରି ଯାଇପାରେ। ଏହା ହିଁ ସେମାନଙ୍କର ପ୍ରକୃତ ସ୍ୱାର୍ଥ। ସାହାଯ୍ୟ(Aid) ଦେବା ନାମରେ ସେମାନେ ଏହି ସମସ୍ତ ଦେଶଗୁଡିକୁ କବଳିତ କରିଛନ୍ତି। ସାମ୍ରାଜ୍ୟବାଦ ପୁଞ୍ଜିବାଦ ସଂକଟରେ। କାର୍ଯ୍ୟତଃ ମୃତ୍ୟୁ ଶଯ୍ୟାରେ ଶାୟିତ। ଯେମିତି ଢେଉ ପରେ ଢେଉ ଆସି ପୁଣି ମିଳାଇ ଯାଏ, ସମସ୍ତ ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ଦେଶରେ ଗଣବିକ୍ଷୋଭର ଢେଉ ସେହିଭଳି ଭାବେ ଆସୁଛି ପୁଣି ମିଳାଇ ଯାଉଛି। ୟୁରୋପର ବହୁ ଦେଶରେ ହିଁ ବର୍ତ୍ତମାନ ବିକ୍ଷୋଭ, ଆନ୍ଦୋଳନ, ଧର୍ମଘଟ ପ୍ରାୟ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଆମେରିକାରେ ମଧ୍ୟ ଅବସ୍ଥା ଭିନ୍ନ ଧରଣର ନୁହେଁ। ଆପଣମାନେ ଦେଖିଲେ, ଆମେରିକାର ରାସ୍ତାରେ ରାସ୍ତାରେ ଜନଗଣ ସ୍ଲୋଗାନ ଦେଉଛନ୍ତି, ' ନୋ କିଙ୍ଗ' ରାଜା ଚାହୁଁନା। ତେବେ ଏହି ଜନଗଣଙ୍କର ଶ୍ରେଣୀ ଦୃଷ୍ଟିଭଙ୍ଗୀ ନାହିଁ, ପ୍ରକୃତ ବିପ୍ଳବୀ ପାର୍ଟି ନାହିଁ। ବିପ୍ଳବୀ ପାର୍ଟିର ଚାହିଦା ହିଁ ବର୍ତ୍ତମାନ ସର୍ବତ୍ର ପରିଷ୍କାର ଭାବେ ଦେଖାଯାଉଛି।

ସୁତରାଂ, ଆମ ପାର୍ଟିର ଦ୍ରୁତ ବିକାଶ ଓ ବୃଦ୍ଧି ପରିମାଣଗତ ଏବଂ ଗୁଣଗତ ଉଭୟ ଦିଗରୁ ହିଁ ବର୍ତ୍ତମାନ ଜରୁରୀ ପ୍ରୟୋଜନ। ଭାରତର ପରିସ୍ଥିତି ଆପଣମାନଙ୍କୁ ଜଣାଅଛି। ଜନଗଣ ସମସ୍ତ ବୁର୍ଜୁଆ ଓ ପେଟି ବୁର୍ଜୁଆ ପାର୍ଟି ସଂପର୍କରେ ବୀତସ୍ପୃହ। ତେବେ ତା'ର ଅର୍ଥ ଏହା ନୁହେଁ ଯେ, ଏହି ଦଳଗୁଡିକର ରାଜନୈତିକ ଓ ଆଦର୍ଶଗତ ଚରିତ୍ର ଜନଗଣଙ୍କ ପାଖରେ ପରିଷ୍କାର। ଏହା ହେଉଛି ପରିସ୍ଥିତି। ଏହି ଅବସ୍ଥାରେ ଆମର ପ୍ରଚାର ମାଧ୍ୟମର କର୍ତ୍ତବ୍ୟ ବା କାର୍ଯ୍ୟ କ'ଣ ହେବ ତା' ଆପଣମାନଙ୍କୁ ବୁଝିବାକୁ ହେବ।

ବିପ୍ଳବୀ ସେନାନୀ ହିସାବରେ ଏହି ପ୍ରଚାର ମାଧ୍ୟମ କ୍ଷେତ୍ରରେ ନିଜକୁ ନିଯୁକ୍ତ କରିବାକୁ ହେବ। ତା' ସହିତ ମୋର ଅଭିମତ ହେଲା, ସୋସାଲ ମିଡିଆ ପ୍ରିଣ୍ଟ ମିଡିଆର ବିକଳ୍ପ ହୋଇ ପାରିବନାହିଁ। ପ୍ରିଣ୍ଟ ମିଡିଆ ଯେଉଁଭଳି ଭାବେ କୌଣସି ବିଷୟ ସଂପର୍କରେ ଏକ ସାମଗ୍ରିକ ଧାରଣା ଓ ଦୃଷ୍ଟିଭଙ୍ଗୀ ଦେଇପାରେ, ସୋସାଲ ମିଡିଆ ତାହା କରିପାରେନା। ପ୍ରିଣ୍ଟ ମିଡିଆ ହେବ ଆମ୍ଭମାନଙ୍କର ପ୍ରାଥମିକ ହତିଆର। ସୋସାଲ ମିଡିଆ ସେଠି ସାହାଯ୍ୟକାରୀ ଭୂମିକା ନେଇପାରେ। ଯେମିତି ଏକ ପ୍ରାଚୀର ଲିଖନରେ ଏକ ଉଦ୍ଧୃତି ଦିଆଯାଇଛି, ଯାହା ମଧ୍ୟରେ ଖୁବ୍ ସଂକ୍ଷେପରେ କିଛି ପଏଣ୍ଟ ଦିଆଯାଇଛି। ଏହାଦ୍ୱାରା ସାମଗ୍ରିକ ଦୃଷ୍ଟିଭଙ୍ଗୀ ଆସିପାରେନାହିଁ। ମାତ୍ର କେହି ଯଦି ଗୋଟିଏ ବହି ପଢନ୍ତି, ଛପା ନିବନ୍ଧ ବାରମ୍ବାର ପଢନ୍ତି ତେବେ ସେହି ବିଷୟ ସଂପର୍କରେ ତାଙ୍କର ଏକ ଧାରଣ ଜନ୍ମିପାରେ। ମୁଁ ଯାହା କହିବାକୁ ଚାହୁଁଛି ତା' ହେଲା ଆପଣ ପ୍ରିଣ୍ଟ ମିଡିଆ ବା ଡିଜିଟାଲ ମିଡିଆ, ଯେଉଁଠାରୁ ବି କୌଣସି ନିବନ୍ଧ ପାଇବେ, ତାକୁ ଗଭୀର ମନଯୋଗ ସହକାରେ ପଢିବେ, ଉପଲବ୍ଧି କରିବାକୁ ଚେଷ୍ଟା କରିବେ। କୌଣସି ବିଷୟକୁ ସାମଗ୍ରିକ ଭାବେ ବୁଝିବା ପାଇଁ ଏହା ହିଁ ଏକମାତ୍ର ଉପାୟ। ଏହା ହେଉଛି ମୋର ଅଭିମତ। ମୋର ଏହି ମତ ସହିତ କାହାରବି ପାର୍ଥକ୍ୟ ଥାଇପାରେ।

ବର୍ତ୍ତମାନ ଅନେକ ହିଁ ଖବର କାଗଜ ପଢିବାକୁ ଉପେକ୍ଷା କରିଚାଲିଛନ୍ତି। ସମାଜରେ ଏହା ଏକ କ୍ରମବର୍ଦ୍ଧମାନ ସମସ୍ୟା। ଆମ୍ଭମାନଙ୍କ ମଧ୍ୟରେ ବି ଏହା ରହିଛି। ସମଗ୍ର ବିଶ୍ୱରେ ହିଁ ଲୋକମାନଙ୍କ ମଧ୍ୟରେ ଏକ ପ୍ରକାର ଅସ୍ଥିରତା ଲକ୍ଷ୍ୟ କରାଯାଉଛି। ଜଣେ ଲୋକ ଗୋଟିଏ ଖବର କାଗଜ ବା ଏକ ନିବନ୍ଧ ପଢିବା ପାଇଁ ଘଣ୍ଟେ ବା ଦୁଇଘଣ୍ଟା ଦେବାକୁ ରାଜି ନୁହେଁ। ତେଣୁ ଏକ ମନ ତିଆରି ହୋଇଛି ଯାହା ସବୁ କିଛି ସଂକ୍ଷିପ୍ତ ଆକାରରେ ଜାଣିବାକୁ ଚାହେଁ। ମୁଁ ଯେ ଅନ୍ୟକୌଣସି କାମରେ ବ୍ୟସ୍ତ ଅଛି ତା' ନୁହେଁ, ମୋର ମନ-ମାନସିକତା ହିଁ ଏହିଭଳି ଭାବେ ତିଆରି ହୋଇଛି। ଚଂଚଳତା, ଅସ୍ଥିରତା ହିଁ ଏହାର ପ୍ରଥମ କାରଣ। ଫଳରେ ପଢିବାର ଅଭ୍ୟାସ, ପଢାଶୁଣା କରିବାର ଅଭ୍ୟାସ ଧ୍ୱଂସ ହେଉଛି। ପୁଞ୍ଜିବାଦୀ ଆକ୍ରମଣ ହିଁ ଏହାର କାରଣ। ସମାଜ ଭାଙ୍ଗି ଯାଉଛି, ନୈତିକତାର ଢାଞ୍ଚାଟି ଧସି ପଡୁଛି। ଚଂଚଳତା, ଅସ୍ଥିରତା ବଢୁଛି। ସୋସାଲ ମିଡିଆକୁ ପ୍ରିଣ୍ଟ ମିଡିଆର ବିକଳ୍ପଭାବେ ଦେଖିଲେ ଏହାକୁ ଉତ୍ସାହିତ କରା ହେବ। ପ୍ରିଣ୍ଟ ମିଡିଆ ଉପରେ ଆମକୁ ଜୋର ଦେବାକୁ ହେବ। ବହି ପଢିବା, ଛପା ନିବନ୍ଧ, ପ୍ରବନ୍ଧ ପଢିବା, ସାମଗ୍ରିକ ଭାବେ ଜ୍ଞାନ ଅର୍ଜନ କରିବା ପାଇଁ କମ୍ରେଡ୍ ମାନଙ୍କୁ ଉତ୍ସାହିତ କରିବାକୁ ହେବ। ଏହାର ପାଖାପାଖି ସୋସାଲ ମିଡିଆକୁ ସାହାଯ୍ୟକାରୀ ମାଧ୍ୟମଭାବେ ବ୍ୟବହାର କରିବାକୁ ହେବ। ଏହା ହେଉଛି ମୋର ଅଭିମତ।

ଆପଣମାନେ ଚକଚକିଆ ଉପସ୍ଥାପନ ବା ଚାକଚକ୍ୟ ପ୍ରଦର୍ଶନ ପଛରେ ଛୁଟିବେ ନାହିଁ। ଅନ୍ୟମାନେ ଏହା ଉପରେ ଜୋର ଦିଅନ୍ତି। ଆପଣମାନେ ସଠିକ୍ ବିଷୟକୁ ସଠିକ୍‌ଭାବେ ଉପସ୍ଥାପନ କରିବା ଏବଂ କିଭଳି ଏହାକୁ କ୍ରମାଗତ ଉଦ୍ଦେଶ୍ୟମୁଖୀ କରାଯିବ, ତା ଉପରେ ଗୁରୁତ୍ୱ ଦେବେ। କୌଣସି ବିଷୟକୁ ବିପ୍ଳବୀ ଉଦ୍ଦେଶ୍ୟରୁ କେତେ ସୁନ୍ଦରଭାବେ ଉପସ୍ଥାପନ କରାଯାଇପାରେ ତାହାକୁ ନେଇ ଗଭୀରଭାବେ ଭାବିବେ। ଆପଣମାନେ ଅନ୍ୟମାନଙ୍କଠାରୁ ନିଶ୍ଚିତ ଶିଖିବେ, କିନ୍ତୁ ନକଲ କରିବେ ନାହିଁ। ଶିଖିବା ଅର୍ଥ ହେଲା, ଅନ୍ୟମାନଙ୍କ ପାଖରୁ କେଉଁଟା ନେବି ଆଉ କେଉଁଟା ନେବି ନାହିଁ, ତା ବିଚାର କରି କରିବେ। ନକଲ କରିବା ଅର୍ଥ ଅନ୍ୟମାନଙ୍କୁ ଅନ୍ଧଭାବେ ଅନୁକରଣ କରିବା। ଏହାକୁ ଆପଣମାନେ ଏଡାଇ ଯିବେ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ଟିମ୍ ହିସାବରେ କାମ କରିବା। କେହି କେହି ହୁଏତ ଏ କ୍ଷେତ୍ରରେ ଅଧିକ ଯୁକ୍ତ ଅଛନ୍ତି, କେହି ପୁଣି ରାଜନୈତିକ ଭାବେ ହୁଏତ ଅନ୍ୟ କ୍ଷେତ୍ରରେ ଯୁକ୍ତ ଅଛନ୍ତି। ଆମ ପାଇଁ ଟିମ୍ ଫଂକସନିଂ ଅର୍ଥ ହେଲା, ଗୋଟିଏ ଉଦ୍ଦେଶ୍ୟ ସାଧନ ନିମନ୍ତେ ଯୌଥ କର୍ମ ପ୍ରକ୍ରିୟା ଗ୍ରହଣ କରିବା, ଯୌଥ କାର୍ଯ୍ୟକ୍ରମ ଚଳାଇଯିବା। ଏଠାରେ କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟ ନାହିଁ। ବ୍ୟକ୍ତିଗତ ଉଚ୍ଚାକାଂକ୍ଷା, ବ୍ୟକ୍ତିଗତ ନାମଯଶ ନିମନ୍ତେ ଚେଷ୍ଟା କରିବେ ନାହିଁ। ଏ କ୍ଷେତ୍ରରେ ମଧ୍ୟ ଆମକୁ ସଂଗ୍ରାମ କରିବାକୁ ହେବ। ଶତ୍ରୁ ଆମ୍ଭମାନଙ୍କ ମଧ୍ୟରେ ହିଁ ରହିଛି, ତା ହେଲା ବ୍ୟକ୍ତିବାଦ। ପୁଞ୍ଜିବାଦ ମଧ୍ୟରୁ ଆମ୍ଭମାନଙ୍କ ଜନ୍ମ, ପୁଞ୍ଜିବାଦୀ ବ୍ୟକ୍ତିବାଦ ନେଇ ଆମେ ଜନ୍ମଗ୍ରହଣ କରିଛୁ। ଆମ ପାର୍ଟିର ଅଭ୍ୟନ୍ତରରେ ଏବଂ ବାହାରେ ସର୍ବତ୍ର ହିଁ ଆମକୁ ଏହି ବ୍ୟକ୍ତିବାଦ ବିରୁଦ୍ଧରେ ଲଢିବାକୁ ହେଉଛି। ବହୁ କମ୍ରେଡ୍ କୌଣସି ଏକ ବିଶେଷ ରାଜ୍ୟରେ କାମ କରୁଛନ୍ତି ଅଥବା କେନ୍ଦ୍ରୀୟ ସ୍ତରରେ କାମ କରୁଛନ୍ତି। କିନ୍ତୁ ସମସ୍ତଙ୍କର ବିପ୍ଳବୀ ଉଦ୍ଦେଶ୍ୟ ଗୋଟିଏ। ଜଣେ ଅନ୍ୟଜଣଙ୍କୁ ସେହି ଉଦ୍ଦେଶ୍ୟ ସାଧନ ନିମନ୍ତେ ସାହାଯ୍ୟ କରିବେ। ନିଜ ନିଜ ମଧ୍ୟରେ କୋ-ଅର୍ଡିନେଶନ ଅର୍ଥ ଯାନ୍ତ୍ରିକ ଆଦାନ ପ୍ରଦାନ ନୁହେଁ, କୋ-ଅର୍ଡିନେସନ୍ ଅର୍ଥ, ଜଣେ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

# ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ପ୍ରୟାତ ନେତ୍ରୀ କମ୍ରେଡ ବୀଣାପାଣି ଦାସଙ୍କ ସ୍ମରଣ ସଭା




ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଜାନୁଆରୀ ୧୧ ତାରିଖରେ ଭୁବନେଶ୍ୱରସ୍ଥିତ ରେଡକ୍ରସ ଭବନ ପରିସରରେ ବିଶିଷ୍ଟ ଜନନେତ୍ରୀ ତଥା ସଙ୍ଗଠନର ପ୍ରଥମ ରାଜ୍ୟ ସଭାନେତ୍ରୀ ତଥା ସର୍ବଭାରତୀୟ ଉପସଭାନେତ୍ରୀ କମ୍ରେଡ ବୀଣାପାଣି ଦାସଙ୍କ ସ୍ମରଣ ସଭା ଅନୁଷ୍ଠିତ ହୋଇଯାଇଛି।

ଦୀର୍ଘ ସାଢ଼େ ପାଂଚ ଦଶନ୍ଧି ଧରି ରାଜ୍ୟର ସାଧାରଣ ଜନତା, ବିଶେଷ ଭାବରେ ନିର୍ଯ୍ୟାତିତ ମହିଳାମାନଙ୍କ ଦାବି ନେଇ ଛାତ୍ର ଅବସ୍ଥାରୁ ଆଜୀବନ ଲଢ଼େଇ କରିଥିବା ସଂଗ୍ରାମୀ ବୀଣାପାଣି ଦାସ ଗତ ଡ଼ିସେମ୍ବର ୨୨ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମହିଳା ତଥା ଶୋଷିତ ଜନସାଧାରଣଙ୍କୁ ସଂଗଠିତ କରିବାପାଇଁ କମ୍ରେଡ୍ ଦାସ ସାରା ଓଡିଶାର ପୁରପଲ୍ଲୀକୁ ଯାଇଛନ୍ତି। ଯେତେବେଳେ ଯେଉଁଠି କୌଣସି ଅତ୍ୟାଚାରର ଖବର ଆସେ ବୀଣାପାଣି ଦାସ ସେଠାରେ ପହଂଚି ସେ ଅଂଚଳର ମହିଳା ଓ ସାଧାରଣ ଜନତାଙ୍କୁ ସାମିଲ କରି ନ୍ୟାୟ ପାଇଁ ଲଢେଇ କରିଛନ୍ତି। ଯୌତୁକ ଜନିତ ବଧୂ ହତ୍ୟା, ଧର୍ଷଣ, ହତ୍ୟା, ଭିଟାମାଟିରୁ ଉଚ୍ଛେଦ, ମଦ ମାଦକ ଦ୍ରବ୍ୟର ପ୍ରସାର ବନ୍ଦ କରିବା, ସାଧାରଣ ଚାଷୀ, ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ ଆଦି ଦାବି ନେଇ ତାଙ୍କ ଜୀବଦ୍ଦଶାରେ ଲଗାତର ଲଢେଇ କରିଛନ୍ତି କମ୍ରେଡ୍ ବୀଣାପାଣି ଦାସ। ତାଙ୍କର ଉଲ୍ଲେଖନୀୟ ଅବଦାନ ଫଳରେ ଏଆଇଏମ୍ଏସ୍ଏସ୍ ଓଡ଼ିଶା ମାଟିରେ ଶକ୍ତିଶାଳୀ ହୋଇଛି ଓ ତାଙ୍କର ସ୍ମୃତି ଅମଳିନ ରହିବ ବୋଲି ସଙ୍ଗଠନର ସାଧାରଣ ସଂପାଦିକା କମ୍ରେଡ୍ ଛବି ମହାନ୍ତି ତାଙ୍କର ବକ୍ତବ୍ୟରେ କହିଛନ୍ତି।

ଏଆଇଏମ୍ଏସ୍ଏସ୍ର ଓଡ଼ିଶା ରାଜ୍ୟ ସଭାନେତ୍ରୀ କମ୍ରେଡ୍ ସ୍ୱୟଂପ୍ରଭା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମରଣସଭାରେ ଉତ୍କଳ ମହିଳା ସମିତିର ଉପଦେଷ୍ଟା କମ୍ରେଡ୍ ବନଲତା ଜେନା, ଏଆଇଡିଡବ୍ଲ୍ୟୁଏର କେନ୍ଦ୍ରୀୟ ସଂପାଦିକା କମ୍ରେଡ୍ ତାପସୀ ପ୍ରହରାଜ, ଏଆଇଆରଡବ୍ଲ୍ୟୁଓର ରାଜ୍ୟ କମିଟି ସଭ୍ୟା କମ୍ରେଡ୍ ହେନା ବାରିକ, ଏଆଇଏମଏସର ରାଜ୍ୟ ସଭାନେତ୍ରୀ କମ୍ରେଡ୍ ଲକ୍ଷ୍ମୀ ଦୋରା ଓ ଏଆଇଏମ୍ଏସ୍ଏସ୍ର ରାଜ୍ୟ ସଂପାଦିକା କମ୍ରେଡ୍ ସରୋଜିନୀ ନାୟକ ପ୍ରମୁଖ ଏହି ସଭାରେ କମ୍ରେଡ୍ ବୀଣାପାଣି ଦାସଙ୍କ ସ୍ମୃତିଚାରଣ କରିଥିଲେ।

# ଭୁବନେଶ୍ୱରରେ ଜନନେତ୍ରୀ ବୀଣାପାଣି ଦାସଙ୍କ ସ୍ମୃତିଚାରଣ ସଭା




ଦୀର୍ଘ ସାଢେ ପାଞ୍ଚ ଦଶନ୍ଧି ଧରି ନିଜର ଛାତ୍ର ଜୀବନରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଗଣ ଆନ୍ଦୋଳନ ତଥା ସାମାଜିକ ସାଂସ୍କୃତିକ ଆନ୍ଦୋଳନର ଅଗ୍ରଭାଗରେ ରହିଆସିଥିବା ଓଡିଶାର ବିଶିଷ୍ଟ ଜନନେତ୍ରୀ ବୀଣାପାଣି ଦାସଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରି ଜାନୁଆରୀ ୧୪ତାରିଖରେ ଭୁବନେଶ୍ୱରର କେତେକ ସଚେତନ ନାଗରିକଙ୍କ ଆହ୍ୱାନରେ ସ୍ଥାନୀୟ ଗୋଦାବରୀଶ ସାହିତ୍ୟ ସଂସଦ ସଭାଗୃହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ବିରେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ବିଶିଷ୍ଟ ନାଟ୍ୟକାର ଧିରେନ୍ଦ୍ର ନାଥ ମଲ୍ଲିକ, ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ସର୍ବଭାରତୀୟ ସଂପାଦିକ ଛବି ମହାନ୍ତି, ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ, ଚିନ୍ତନ ମଞ୍ଚର ସଭାପତି ଦେବେନ୍ଦ୍ର କୁମାର ସିଂହ, ବିଶିଷ୍ଟ କଥାକାର ଡକ୍ଟର ବାସନ୍ତୀ ମହାନ୍ତି, ଅବସର ପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଡକ୍ଟର ଅକ୍ଷୟ ଦାସ, ବରିଷ୍ଠ ଜୀବବିଜ୍ଞାନୀ ଡକ୍ଟର କାନ୍ତା ଦାସ ମହାପାତ୍ର, ମାନବାଧିକାର ଆଇନଜ୍ଞ ବିଶ୍ୱପ୍ରିୟ କାନୁନଗୋ, ସାମାଜିକ କର୍ମୀ ଧିରେନ୍ଦ୍ର ପଣ୍ଡା ଓ ନରେନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ପ୍ରଶାସକ ଜଗବନ୍ଧୁ ଦାସ, ଜନବାଦୀର ସଂପାଦିକା ରୁମିତା କୁଣ୍ଡୁ, ବିଶିଷ୍ଟ ସାହିତ୍ୟିକ ଲେନିନ କୁମାର ପ୍ରମୁଖ ଏହି ସଭାରେ ବକ୍ତବ୍ୟ ରଖି ଶ୍ରୀମତୀ ବୀଣାପାଣି ଦାସଙ୍କ ସ୍ମୃତିଚାରଣ କରିଥିଲେ। ଦୀର୍ଘ ସାଢେ ପାଞ୍ଚ ଦଶନ୍ଧି ଧରି ପ୍ରୟାତ ବୀଣାପାଣି ଦାସ ସମଗ୍ର ଓଡିଶାର ପୁରପଲ୍ଲୀରେ ଅବହେଳିତ, ବଂଚିତ ଜନସାଧାରଣ ବିଶେଷ କରି ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଶୋଷଣ ବିରୁଦ୍ଧରେ ଲଢେଇର ଅଗ୍ରଭାଗରେ ଥିଲେ ଏବଂ ଆଗାମୀ ପିଢି ପାଇଁ ଉଚ୍ଚ ଆଦର୍ଶ ସ୍ଥାପନ କରିଯାଇଛନ୍ତି ବୋଲି ବକ୍ତା ମାନେ ପ୍ରକାଶ କରିଥିଲେ।

# ପ୍ରଦୂଷଣ ପ୍ରମାଣ ପତ୍ର ନାମରେ ଶୋଷଣ

ଗତ କିଛିଦିନ ଧରି ସାରା ରାଜ୍ୟରେ ଗାଡିର ପ୍ରଦୂଷଣ ପ୍ରମାଣ ପତ୍ର ନେଇ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି। ଡବଲ ଇଞ୍ଜିନ ସରକାର ବିଭିନ୍ନ ସମୟରେ ଯେମିତି ଜନସାଧାରଣଙ୍କୁ ଆର୍ଥିକ, ମାନସିକ ଏବଂ ଶାରୀରିକ ଦଣ୍ଡ ଦିଅନ୍ତି ଏହା ତାହା ମଧ୍ୟରୁ ଗୋଟିଏ। ସରକାରଙ୍କର ପ୍ରଦୂଷଣ ପ୍ରମାଣ ପତ୍ର ନାହିଁ ତ ପେଟ୍ରୋଲ-ଡିଜେଲ ନାହିଁ ଘୋଷଣା ଫଳରେ ଲୋକେ ଆତଙ୍କିତ। ଜନସାଧାରଣ ନିଜର ପେଷା, ବେଉସା, ଦୈନନ୍ଦିନ ଜରୁରୀ କାର୍ଯ୍ୟ ଛାଡି ପ୍ରଦୂଷଣ ପ୍ରମାଣ ପତ୍ର ପାଇଁ ଘଣ୍ଟା ଘଣ୍ଟା ଧାଡିରେ ଛିଡା ହେଉଛନ୍ତି। ବର୍ତ୍ତମାନ ଜାଣିବା ସରକାର ଏହି ବା ପ୍ରଦୂଷଣ ପ୍ରମାଣ ପତ୍ର ପାଇଁ ଏତେ ବ୍ୟଗ୍ର କଣ ପାଇଁ। ଯଦି ସରକାରଙ୍କର ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସତରେ ଇଚ୍ଛା ଅଛି ତେବେ, ସିଜିମାଳି, ନିୟମଗିରି, ସୁନ୍ଦରଗଡ, କେନ୍ଦୁଝରର ବିଭିନ୍ନ ଜଙ୍ଗଲ ଜମିକୁ ଏକ ଚାଟିଆ ପୁଞ୍ଜିପତି ମାନଙ୍କ ହାତରେ ଟେକି ଦେଇ ନିର୍ବିଘ୍ନରେ ହଜାର ହଜାର ବର୍ଷର ଜଙ୍ଗଲକୁ ଧ୍ୱଂସ କରୁଛନ୍ତି କାହିଁକି ? ଛତିଶଗଡର ହସଦେବ ଜଙ୍ଗଲକୁ ଆଦାନୀ ଗ୍ରୁପ ଖଣି ଖନନ ପାଇଁ କେଇ ଦିନରେ କାଟି ଶେଷ କରିଦେଲେ। ବିହାରର ଭାଗଲପୁର ଜିଲ୍ଲାରେ ହଜାର ହଜାର ଏକର ଜଙ୍ଗଲ ଜମି କମ୍ପାନୀ ହାତକୁ ଗୋଟିଏ ଟଙ୍କାରେ ଟେକି ଦେଲେ। ଅସଲ କଥା ହେଲା ଏହି ପ୍ରଦୂଷଣ ନାଁରେ ପରିବହନ ବିଭାଗର ଲୋକମାନଙ୍କ ଉପରେ ଯେଉଁ ଫାଇନ ପଡି ରହିଛି ତାକୁ ଉଠାଇ କରି ଆଦାୟ କରିବା। ବର୍ତ୍ତମାନ ଦେଖାଯାଉ ଏହି ଫାଇନ କାହିଁକି ?ଗୋଟିଏ ଦିଗରେ ସରକାର ଆଇନକରି ଅତ୍ୟନ୍ତ ମନମୁଖୀ ଭାବରେ, ନିର୍ବିଚାରରେ ସାମାନ୍ୟ କାରଣ ପାଇଁ ଅତ୍ୟଧିକ ଫାଇନ ଚାଳକ ଓ ଗାଡି ମାଲିକ ମାନଙ୍କଠାରୁ ଆଦାୟ କରୁଛନ୍ତି। ଅନ୍ୟଦିଗରେ ପ୍ରଦୂଷଣ ସାଟିଫିକେଟ୍ ଆଳରେ ଜବରଦସ୍ତ ଏହି ଫାଇନ ଆଦାୟ କରାଯାଉଛି। ପୁଣି ଦ୍ରୁତ ଚାଳନା ଅଭିଯୋଗରେ ମୋଟା ଅଙ୍କର ଫାଇନ ଆଦାୟ ହେଉଛି। ଏହାଫଳରେ ସାଧାରଣ ଗାଡି ଚାଳକ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। କୌଣସି କାରଣରୁ ପ୍ରଦୂଷଣ ସାର୍ଟିଫିକେଟ୍ ନଥିବା ଚାରିଚକିଆ ଯାନ ଉପରେ ସ୍ଥଳ ବିଶେଷରେ ଗୋଟିଏ ଦିନରେ ଲକ୍ଷାଧିକ ଟଙ୍କା ଫାଇନ ଆକାରରେ ଆଦାୟ କରାଯାଇଛି। ଅନ୍ୟପକ୍ଷରେ ସରକାର କହୁଛନ୍ତି ପେଟ୍ରୋଲରେ ଇଥାନଲ ମିଶାଇଲେ ପ୍ରଦୂଷଣ ହେବ ନାହିଁ ଏବଂ ମିଶାଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଇଥାନଲ ଏକ ଲିଟରର ଦାମ ୪୦ଟଙ୍କା। ବର୍ତ୍ତମାନ ସରକାର ପ୍ରତି ଲିଟର ପେଟ୍ରୋଲରେ ୨୦୦ମିଲି ଲିଟର ଇଥାନଲ ମିଶାଇଲେ ମଧ୍ୟ ପେଟ୍ରୋଲ ଦର କମୁନାହିଁ। ପୁଣି ଯେଉଁ ପ୍ରଦୂଷଣ ପ୍ରମାଣ ପତ୍ର ଲୋକଙ୍କୁ ଦିଆଯାଉଛି ତାହା ଚେକ୍ କରୁଥିବା ଅଧିକାରୀମାନେ ବୁଝନ୍ତି କି? ଆଜି ପର୍ଯ୍ୟନ୍ତ ଯେତେ ଗାଡି ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଯାଇଛନ୍ତି କେହି ଫେଲ ହୋଇଛନ୍ତି କି ? ତେବେ ସରକାରଙ୍କ ଏ ପ୍ରଦୂଷଣ ପ୍ରମାଣ ପତ୍ର ନାଟକ କଣ ପାଇଁ? କେବଳ ଫାଇନ ଆଦାୟ ପାଇଁ ନୁହେଁ କି ?

## ସୋସାଲ ମିଡିଆ . . .

(୨ୟପୃଷ୍ଠାର ଅବଶିଷ୍ଟାଂଶ)

ଅନ୍ୟଜଣକୁ ସାହାଯ୍ୟ କରିବା। କାମଟିକୁ କିଭଳି ଆହୁରି ଉନ୍ନତ କରାଯାଇପାରେ, କିଭଳି ଆହୁରି ନିଖୁଣ କରାଯାଇପାରେ, ଏହା ହିଁ ହେବ ଆମ୍ଭମାନଙ୍କର ଭାବନା।

ମନେରଖିବେ, ଏହା ଏଭଳି ଏକ କ୍ଷେତ୍ର ଯାହା ଆପଣମାନଙ୍କୁ ବିପ୍ଲବୀ ଆନ୍ଦୋଳନରୁ ବିଚ୍ଛିନ୍ନ କରିଦେଇପାରେ। ମୁଁ ପୁନର୍ବାର କହୁଛି, ଆମ୍ଭମାନଙ୍କୁ ଶୋଷିତ ନିପିଡୀତ ଜନଗଣଙ୍କ ସହିତ ସଂଯୋଗ ରକ୍ଷା କରି ଚାଲିବାକୁ ହେବ। ବିପ୍ଳବୀ ଆନ୍ଦୋଳନରେ ଗଣ ସଂଗ୍ରାମ ଏବଂ ସଂପୃକ୍ତ ପାର୍ଟି ବଡି ସହିତ ସର୍ବଦା ସଂଯୋଗ ରଖିବାକୁ ହେବ। ଜ୍ଞାନ ଅର୍ଜନରେ ଦୁଇଟି ପଥ ଅଛି। ଗୋଟିଏ ହେଉଛି ପ୍ରତ୍ୟକ୍ଷ। ମୁଁ ଜନଗଣଙ୍କ ସହିତ ଅଛି। ମୁଁ ସେମାନଙ୍କୁ ଜାଣେ, ସେମାନଙ୍କର ସମସ୍ୟା, ପ୍ରଶ୍ନ, ବିଭ୍ରାନ୍ତି, ହତାଶା ଏଗୁଡିକୁ ମଧ୍ୟ ଜାଣେ। ବିଭିନ୍ନ ଲୋକଙ୍କ କ୍ଷେତ୍ରରେ ଏଗୁଡିକ ବିଭିନ୍ନ ଧରଣର। ପ୍ରତ୍ୟକ୍ଷ ସଂଯୋଗ ଦ୍ୱାରା ଏଗୁଡିକୁ ମୁଁ ଅନୁଭବ କରେ। ଆଉ ଗୋଟିଏ ପଦ୍ଧତି ହେଉଛି ପରୋକ୍ଷ। ଅନ୍ୟାନ୍ୟ କମ୍ରେଡମାନଙ୍କ ମାଧ୍ୟମରେ ମୁଁ ଜାଣେ। ମୁଁ ସେମାନଙ୍କ ସହିତ ମତ ବିନିୟମ କରେ। ସେମାନଙ୍କ ପାଖରୁ ମୁଁ ସାହାଯ୍ୟ ପାଏ। ସୁତରାଂ, ଏହା ମଧ୍ୟ ପ୍ରୟୋଜନ। ଅନ୍ୟାନ୍ୟ ଟେକନିକାଲ ବିଷୟରେ ନେତାମାନେ ଅଛନ୍ତି। ସେମାନେ ଆପଣମାନଙ୍କୁ ଗାଇଡ କରିବେ, ସାହାଯ୍ୟ କରିବେ। ଆପଣମାନେ ଯେଉଁ ରାଜ୍ୟରେ ବା ଯେଉଁଠି ବି କାମ କରନ୍ତୁ ନା କାହିଁକି, ସବୁ ସମୟରେ ସର୍ବଦା ପାର୍ଟି ପାଖରୁ ଗାଇଡାନ୍ସ ଚାହିଁବେ।

ଆଉ ଗୋଟିଏ କଥା - ଘଟଣା ମାନେ ହିଁ ତାହା ସତ୍ୟ ନୁହେଁ, ବୁର୍ଜୁଆ ମିଡିଆ ମଧ୍ୟ ଘଟଣା ଉପସ୍ଥାପନ କରେ। ଏହି ସବୁ ଘଟଣା ଆପଣମାନେ ମଧ୍ୟ ଜାଣନ୍ତି। ଅତ୍ୟାଚାର, ଧର୍ଷଣ, ଦୁର୍ନୀତି ଆଦି ଖବରକୁ ନେଇ ସବୁବେଳେ ଚର୍ଚ୍ଚା ଚାଲିଛି, ବୁର୍ଜୁଆ ମିଡିଆ ମଧ୍ୟ ଏହି ଖବର ପରିବେଷଣ କରୁଛି, ଆପଣମାନେ ମଧ୍ୟ କରୁଛନ୍ତି।

ନିଛକ ଏକ ଘଟଣା ପରିବେଷଣ କରିବା ଆମର ଉଦ୍ଦେଶ୍ୟ ନୁହେଁ। ଏହି ଘଟଣା ପଛରେ ଥିବା ସତ୍ୟକୁ କିଭଳି ଉପସ୍ଥାପନ କରିବାକୁ ହୁଏ, ଆପଣମାନଙ୍କୁ ସେହି ଆର୍ଟ ଜାଣିବାକୁ ହେବ। ମୁଁ ଏଠାରେ ବିପ୍ଳବୀ ଆର୍ଟ କହିବାକୁ ଚାହୁଁଛି। ଗୋଟିଏ ଘଟଣାର ପରିବେଷଣ ମଧ୍ୟ ଦେଇ ଆପଣମାନେ ଯେମିତି କିଛି ରାଜନୈତିକ ଶିକ୍ଷା ମଧ୍ୟ ପରିବେଷଣ କରିପାରନ୍ତି। ସୋସାଲ ମିଡିଆ କ୍ଷେତ୍ରରେ ଏହା କିଭଳି କରିବେ ତାହା ଆପଣମାନଙ୍କୁ ଶିଖିବାକୁ ହେବ। ଏ ବିଷୟରେ ରାଜ୍ୟସ୍ତରରେ ଆପଣମାନଙ୍କୁ ରାଜ୍ୟ ପାର୍ଟିର ଗାଇଡାନ୍ସ ନେବାକୁ ହେବ। କେନ୍ଦ୍ରୀୟ ସ୍ତରରେ ମଧ୍ୟ ଆପଣମାନଙ୍କୁ ସର୍ବଦା କେନ୍ଦ୍ରୀୟ ପାର୍ଟି ସହିତ, ବିଶେଷକରି ଯେଉଁ ନେତାମାନେ ଏ ବ୍ୟାପାରରେ ଦାୟିତ୍ୱପ୍ରାପ୍ତ ସେମାନଙ୍କ ସହିତ ସଂଯୋଗ ରକ୍ଷା କରିବାକୁ ହେବ। କେବଳମାତ୍ର ସିଦ୍ଧାନ୍ତ ଜଣାଇବା ପାଇଁ ନୁହେଁ, ପରିବେଷଣ ସଂକ୍ରାନ୍ତରେ ମତାମତ ନେବାକୁ ହେବ। ତେବେ ଛୋଟ ମୋଟ ବା ଅତି ସାଧାରଣ ବିଷୟରେ ନୁହେଁ, ଅର୍ଥାତ୍ ଆପଣମାନଙ୍କୁ ସର୍ବଦା ପାର୍ଟିର ଗାଇଡାନ୍ସ ନେଇ ଚାଲିବାକୁ ହେବ। ବିଷୟଟି ସ୍ପଷ୍ଟ ହେଲା ତ ? ମୋର ମତାମତ ମୁଁ ଏଠାରେ ରଖିଲି ଏବଂ ଆଶା କରୁଛି ମୋର ଏହି ସଂକ୍ଷିପ୍ତ ଆଲୋଚନା ଆପଣମାନଙ୍କର କିଛି କାମରେ ଲାଗିବ।

★★★

## ପ୍ରୟାତ କମ୍ରେଡ୍ ...

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ପାଇପାରେ। କମ୍ରେଡ୍ ବୀଣାପାଣି ଦାସ ଏହି ଆତ୍ମ ମର୍ଯ୍ୟାଦା ଭିତ୍ତିକ ଜୀବନ ସଂଗ୍ରାମ କରିଯାଇଛନ୍ତି। ଏହି ଚେଷ୍ଟା କରିଛନ୍ତି, ସେଥିପାଇଁ ଆମେ ତାଙ୍କୁ ସ୍ମରଣ କରୁଛୁ।

ତେଣୁ ସ୍ମରଣ କରିବା କେବଳ ଏକ ଆବେଗର ବିଷୟ ନୁହେଁ। କେବଳ ଆବେଗ ଦ୍ୱାରା କୌଣସି ଚରିତ୍ରର ସଠିକ୍ ବା ସାମଗ୍ରିକ ମୂଲ୍ୟାୟନ ହୋଇପାରିବ ନାହିଁ। ଆବେଗ ସହିତ ଦରକାର ଯେଉଁ ନୀତି ଓ ଆଦର୍ଶକୁ ଭିତ୍ତିକରି ଯେଉଁ ମର୍ଯ୍ୟାଦାକର ସଂଗ୍ରାମ, ଜଣେ କମ୍ୟୁନିଷ୍ଟ ହେବାର ସଂଗ୍ରାମ କମ୍ରେଡ୍ ବୀଣାପାଣି ଦାସ କରିଯାଇଛନ୍ତି, ସେଥିରୁ ଶିକ୍ଷା ନେବା, ପୁଣି ଏହି ସ୍ମରଣ ସଭା ଭିତର ଦେଇ ସେହି ଶିକ୍ଷା ନେବା ସମାପ୍ତ ହୁଏନାହିଁ। ସେଥିପାଇଁ କମ୍ୟୁନିଷ୍ଟ ମାନଙ୍କ ପାଖରେ ଏହି ଧରଣର ସ୍ମୃତି ସଭା ଏକ ଔପଚାରିକତା ନୁହେଁ। ଏହା ମଧ୍ୟରେ ରହିଛି ଗଭୀର ଉଦ୍ଦେଶ୍ୟବୋଧ। ଆଉ ଏହା ନ ହେଲେ ଆମେ ମିଥ୍ୟାର ଆଶ୍ରୟ ନେବୁ। ସମ୍ମାନ ପ୍ରଦର୍ଶନ କରିବାକୁ ଯାଇ ଆମେ ଆତ୍ମ ପ୍ରତାରଣାର ଶୀକାର ହେବୁ। ତେଣୁ ନିଜକୁ ଗଭୀର ଆତ୍ମସମୀକ୍ଷା କରିବାକୁ ପଡିବ ଯେ, କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷା ଭିତ୍ତିରେ କମ୍ରେଡ୍ ବୀଣାପାଣି ଦାସ ଯେଉଁ ସଂଗ୍ରାମଟି ଯେତେଦୂର ପର୍ଯ୍ୟନ୍ତ କରିଯାଇଛନ୍ତି, ଆମେ ସଠିକ ପ୍ରକ୍ରିୟାରେ ସେହି ସଂଗ୍ରାମଟି ଯଥାର୍ଥରେ କରିପାରୁଛୁ କି ନାହିଁ। ଆତ୍ମ ମର୍ଯ୍ୟାଦା ମଧ୍ୟ ଦେଇ ଜଣେ ବିପ୍ଳବୀ ତାଙ୍କର ତ୍ରୁଟି ସୀମାବଦ୍ଧତା ଗୁଡିକୁ ଅତିକ୍ରମ କରି ଗୁଣାବଳୀଗୁଡିକୁ ଅର୍ଜନ କରିପାରେ। ସେଥିପାଇଁ ଏହି ସ୍ମରଣସଭାର ଆୟୋଜନ।

ଉପସ୍ଥିତ ଭ୍ରାତୃପ୍ରତିମ ବାମପନ୍ଥୀ ଦଳମାନଙ୍କର ନେତୃତ୍ୱ ସାଂପ୍ରତିକ ଦେଶର ପରିସ୍ଥିତି ସଂପର୍କରେ ପ୍ରକାଶ କରିଥିବା ଉଦ୍‌ବେଗକୁ ଅତ୍ୟନ୍ତ ସଂଗତ ବୋଲି କହି କମ୍ରେଡ୍ ଦାସଗୁପ୍ତ କହିଥିଲେ, ‘ସତରେ ଖୁବ୍ ଉଦ୍‌ବେଗଜନକ ପରିସ୍ଥିତି ମଧ୍ୟ ଦେଇ ଆମେ ଗତି କରୁଛୁ। ଏ ଦେଶରେ ସର୍ବାତ୍ମକ ଫାସିବାଦ ପ୍ରତିଷ୍ଠା କରିବାର ପରିକଳ୍ପନା ଆଜି ନୁହେଁ, ସ୍ୱାଧୀନତା ପରଠାରୁ ଭାରତବର୍ଷର ପୁଞ୍ଜିବାଦ ଏହି ଉଦ୍ୟମ କରିଚାଲିଛି। ମୁମୂର୍ଷୁ ପୁଞ୍ଜିବାଦକୁ ରକ୍ଷା କରିବାର ଶେଷ ଅସ୍ତ୍ର ହେଲା ଫାସିବାଦ। ସେଥିପାଇଁ ମନେରଖିବାକୁ ହେବ, କୌଣସି ଦେଶରେ ଫାସିବାଦ କୌଣସି ଏକ ବିଶେଷ ରାଜନୈତିକ ଦଳ ଆଣେ ନା। ଏହି କଥାଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ। କମ୍ରେଡ୍ ଲେନିନ୍ ଦର୍ଶାଇଛନ୍ତି, ପୁଞ୍ଜିବାଦର ବିକାଶର ସର୍ବୋଚ୍ଚ ସ୍ତର ଅର୍ଥାତ୍ ସର୍ବଶେଷ ସ୍ତର ହେଉଛି ସାମ୍ରାଜ୍ୟବାଦ ଏବଂ ଏହି ସାମ୍ରାଜ୍ୟବାଦୀ ଯୁଗରେ ହିଁ ସର୍ବହରା ବିପ୍ଳବର ସୂଚନା। ଅର୍ଥନୀତିର ଚୂଡାନ୍ତ କେନ୍ଦ୍ରୀକରଣ ଫାସିବାଦର ଅର୍ଥନୈତିକ ବୈଶିଷ୍ଟ୍ୟ। ରାଜନୀତିର ଚୂଡାନ୍ତ କେନ୍ଦ୍ରୀକରଣ ଫାସିବାସର ରାଜନୈତିକ ବୈଶିଷ୍ଟ୍ୟ ଏବଂ ବିଜ୍ଞାନର କାରିଗରୀ ଦିଗ ସହିତ ସାମନ୍ତବାଦୀ ସଂସ୍କୃତି, ଅନ୍ଧତା, ଯୁକ୍ତିହୀନ ମାନସିକତା ଓ ଭାଗ୍ୟବାଦର ସମ୍ମିଶ୍ରଣ ମଧ୍ୟ ଦେଇ ଫାସିବାଦର ସାଂସ୍କୃତିକ ବୈଶିଷ୍ଟ୍ୟ ଗଢିଉଠେ। ସମସ୍ତ ପୁଞ୍ଜିବାଦୀ ଦେଶରେ, ତୁଳନାମୂଳକ ଭାବେ ସେ ଅଗ୍ରସର ହେଉ ବା ଅନଗ୍ରସର ହେଉ, ଏକ ଦଳୀୟ ଶାସନ ହେଉ କି ବହୁଦଳୀୟ ଶାସନ ବା ସଂସଦୀୟ ଗଣତନ୍ତ୍ରର ଖୋଳପା ଭିତରେ ତଥାକଥିତ


ରାଜ୍ୟ ସଂପାଦକ କମ୍ରେଡ୍ ଶଙ୍କର ଦାସଗୁପ୍ତ

ଗଣତାନ୍ତ୍ରିକ ଶାସନ ହେଉ, ଏକ ପୁଞ୍ଜିବାଦୀ ଦେଶରେ ଯେଉଁ ଫର୍ମ ବା ରୂପରେ ତା’ର ରାଜନୈତିକ ଅସ୍ତିତ୍ୱ ଥାଉ ନା କାହିଁକି, ଫାସିବାଦ ଏହି ସମସ୍ତ ଦେଶରେ ଏକ ସାଧାରଣ ବୈଶିଷ୍ଟ୍ୟ। ଆମ ଦେଶରେ ଥିବା ତଥାକଥିତ ବହୁ ଦଳୀୟ ସଂସଦୀୟ ବ୍ୟବସ୍ଥା ମଧ୍ୟରେ ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ ସମସ୍ତ କ୍ଷେତ୍ରରେ ଫାସିବାଦ ପରିପକ୍ୱ ହେଉଛି। ଏହାର ଚେର ଗଭୀରକୁ ପ୍ରବେଶ କରୁଛି। ଏହି ବିପଦ ବିରୁଦ୍ଧରେ ଗଣସଂଗ୍ରାମ ଆବଶ୍ୟକ।

ଉପସ୍ଥିତ ବାମପନ୍ଥୀ ପାର୍ଟିର ନେତାମାନଙ୍କର “ବାମପନ୍ଥୀ ଐକ୍ୟ” ଗଢିତୋଳିବାର ମତାମତକୁ ମଧ୍ୟ ଅତ୍ୟନ୍ତ ସଂଗତ ବୋଲି କମ୍ରେଡ୍ ଦାସଗୁପ୍ତ କହିଥିଲେ। ବର୍ତ୍ତମାନ ଚ୍ୟାଲେଞ୍ଜିଂ ପରିସ୍ଥିତିର ମୁକାବିଲା ନିମନ୍ତେ ବାମପନ୍ଥୀ ଐକ୍ୟ ଖୁବ୍ ପ୍ରୟୋଜନ। ତେବେ ଏହା ଖାଲି ସଦିଚ୍ଛା ଦ୍ୱାରା ହେବ ନାହିଁ। ସମସ୍ତଙ୍କର ସମ୍ମିଳିତ ଉଦ୍ୟମ ଦ୍ୱାରା ହିଁ ଏହା ସମ୍ଭବ ହେବ। ତେବେ ଏହି ଐକ୍ୟର ଉଦ୍ଦେଶ୍ୟ କ’ଣ? ଆମେ ମନେକରୁ ଏହି ଐକ୍ୟ ଦେଶର ଜନସାଧାରଣଙ୍କୁ ଏକ ବିକଳ୍ପ ରାଜନୀତିର ସନ୍ଧାନ ଦେବା ଦରକାର। ସେହି ବିକଳ୍ପ ରାଜନୀତି ସଂସଦୀୟ ନିର୍ବାଚନୀ ରାଜନୀତି ନୁହେଁ। ସେହି ବିକଳ୍ପ ରାଜନୀତି ହେବ ବ୍ୟାପକ ଗଣଆନ୍ଦୋଳନର ବିକଳ୍ପ ରାଜନୀତି.... ସେଥିପାଇଁ ପ୍ରୟୋଜନ ଏହି ଗଣ ଆନ୍ଦୋଳନର ଭିତ୍ତି ଭାବେ ଏକ ଐକ୍ୟବଦ୍ଧ ମଂଚ।”

ଶେଷରେ କମ୍ରେଡ୍ ଶଙ୍କର ଦାସଗୁପ୍ତ ଆହ୍ୱାନ ଦେଇ କହିଥିଲେ ‘ଆମ ସମସ୍ତଙ୍କର ଲକ୍ଷ୍ୟ ହେଲା, ସମାଜର ବୈପ୍ଳବିକ ପରିବର୍ତ୍ତନ। ଜନ୍ମ ଅଛି ଅର୍ଥ ମୃତ୍ୟୁ ଅଛି, ଏହା ଅବଧାରିତ। ବ୍ୟକ୍ତି ଆସିବ, ସଂଗ୍ରାମ କରିବ ପୁଣି ବ୍ୟକ୍ତି ଚାଲିଯିବ। କିନ୍ତୁ ସାମାଜିକ ସଂଗ୍ରାମର ପରିସମାପ୍ତି ହେବ ନାହିଁ। ସେହି ବ୍ୟକ୍ତିଙ୍କର ଜୀବନ ସଂଗ୍ରାମରୁ ଶିକ୍ଷା ନେଇ ତାଙ୍କ ଗୁଣାବଳୀରୁ ଶିକ୍ଷା ନେଇ ଆଗେଇବାକୁ ହେବ। ପୁଞ୍ଜିବାଦ ବିରୋଧୀ ବିପ୍ଳବକୁ ସଫଳ କରିବା ପାଇଁ ସୁଦୃଢ ବାମପନ୍ଥୀ ଐକ୍ୟ ଗଢିତୋଳିବା ପାଇଁ ଫାସିବାଦର ଆକ୍ରମଣକୁ ମୁକାବିଲା କରିବା ପାଇଁ ଅଙ୍ଗୀକାର ନେଇ ଆଗେଇ ଯିବାକୁ ହେବ। ଲେନିନ କହିଥିଲେ ମଣିଷର ଜୀବନ ଅତି ସଂକ୍ଷିପ୍ତ। ଏ ଜୀବନ କ୍ଷଣସ୍ଥାୟୀ। ମଣିଷ ଜୀବନର ଏହି ମୂଲ୍ୟକୁ ଉପଲବ୍ଧି କରି ସେହି ଉପଲବ୍ଧି ଭିତ୍ତିରେ ସଂଗ୍ରାମ କରିଯିବାକୁ ହେବ। ଯେଉଁ ମୂଲ୍ୟବୋଧ ଭିତ୍ତିରେ କମ୍ରେଡ୍ ବୀଣାପାଣି ଦାସ ସଂଗ୍ରାମ କରିଯାଇଛନ୍ତି ସେହି ସଂଗ୍ରାମକୁ ଆମେ ଆଗେଇନେବା।’

ସ୍ମରଣସଭାରେ ବକ୍ତବ୍ୟ ରଖି ପାର୍ଟିର କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ୍ ଦ୍ୱାରିକାନାଥ ରଥ ଆବେଗପୂର୍ଣ୍ଣ ଶିକ୍ଷଣୀୟ ଅତୀତର ସେହି ସ୍ମୃତି ବିଜଡିତ ଦିନଗୁଡିକ କଥା ତୋଳି ଧରିଥିଲେ। ସେ କହିଥିଲେ କମ୍ରେଡ୍ ବୀଣାପାଣି ଦାସଙ୍କ ଜୀବନ ଥିଲା ସଂଗୀତମୟ, ସ୍ୱପ୍ନମୟ। ତତ୍‌କାଳୀନ ପାର୍ଟିର କେନ୍ଦ୍ରୀୟ କମିଟି ସଭ୍ୟ ତଥା ରାଜ୍ୟ କମିଟି ସଂପାଦକ କମ୍ରେଡ୍ ତାପସ ଦତ୍ତ ବିପ୍ଳବର ସ୍ୱପ୍ନ ଦେଖାଇଥିଲେ। ଏକ ପ୍ରଗତିଶୀଳ ରାଜନୈତିକ-ସାମାଜିକ-ସାଂସ୍କୃତିକ ପରିମଣ୍ଡଳ ମଧ୍ୟରେ ତାଙ୍କର ଉତ୍‌ଥାନ ହୋଇଥିଲା। କମ୍ରେଡ୍ ବୀଣାପାଣି ଦାସ ଚାଲିଯାଇନାହାନ୍ତି। ଜନଗଣଙ୍କୁ ବୁଲଡୋଜର ମୁହଁରୁ ବଂଚାଇବା ପାଇଁ ହଜାର ହଜାର ବୀଣାପାଣି ଆସିବେ। ରକ୍ଷଣଶୀଳ କଟକ ସହରରେ ସେଦିନ ଝିଅପିଲା ସାଇକେଲ ଚଲାଇବା ବା କାହାରି ସାଇକେଲ ପଛରେ ବସି ଯିବା କଥା ଭାବି ହେଉ ନଥିଲା। ରିକ୍ସାରେ ଯିବା ଥିଲା ବିଳାସିତା। ସେହି ପରିସ୍ଥିତିରେ ସମଗ୍ର କଟକ ସହର ସେ ଚାଲି ଚାଲି ବୁଲୁଥିଲେ। କିନ୍ତୁ କ୍ଳାନ୍ତି ନଥିଲା। ସେହି କ୍ଳାନ୍ତି ଭିତରେ ଥିଲା ତୃପ୍ତି ଆଉ ଶାନ୍ତି। ବିପ୍ଳବରେ ମଗ୍ନ ରହିଲେ ଚରିତ୍ର କିପରି ବଦଳି ଯାଏ ତାର ହିଁ ଉଦାହରଣ ଥିଲେ କମ୍ରେଡ୍ ବୀଣାପାଣି ଦାସ। ବରେଣ୍ୟ ମାନବତାବାଦୀ ନବକୃଷ୍ଣ ଚୌଧୁରୀଙ୍କ ସହିତ ମଧ୍ୟ ତାଙ୍କର ଅନ୍ତରଙ୍ଗତା ଥିଲା। ତାଙ୍କର ମର୍ଯ୍ୟାଦାସମ୍ପନ୍ନ ବିପ୍ଳବୀ ଜୀବନ ପ୍ରତି ଲାଲ ସଲାମ ଜଣାଇ କମ୍ରେଡ୍ ଦ୍ୱାରିକାନାଥ ରଥ ତାଙ୍କର ବକ୍ତବ୍ୟ ସାଙ୍ଗ କରିଥିଲେ।

ଅନ୍ୟତମ ବକ୍ତାଭାବେ ପାର୍ଟିର ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟା ତଥା ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ସାଧାରଣ ସଂପାଦିକା କମ୍ରେଡ୍ ଛବି ମହାନ୍ତି କହିଥିଲେ, ଓଡିଶାର ସାମାଜିକ ସାଂସ୍କୃତିକ ଆନ୍ଦୋଳନର ଆକାଶରୁ ଆଉ ଏକ ଉଜ୍ଜ୍ୱଳ ନକ୍ଷତ୍ର ନିର୍ବାପିତ ହେଲା। ତାଙ୍କର ମୃତ୍ୟୁରେ ସୃଷ୍ଟି ହୋଇଥିବା ଶୂନ୍ୟତା ପୂରଣ କରିବାକୁ କେତେ ସମୟ ଲାଗିବ କହିହେବ ନାହିଁ। ତେବେ ମାର୍କ୍ସବାଦ-ଲେନିନବାଦ-କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଧାରାରେ ଅନୁପ୍ରାଣିତ ଯୁବ ପିଢି ନିଶ୍ଚିତ ସେହି ଶୂନ୍ୟସ୍ଥାନ ପୂରଣ କରିବେ।

ଅନ୍ୟମାନଙ୍କ ମଧ୍ୟରେ ସିପିଆଇର ରାଜ୍ୟ ପରିଷଦ ସଭ୍ୟ କମ୍ରେଡ୍ ଅମରେନ୍ଦ୍ର ମହାନ୍ତି, ସିପିଆଇ(ଏମ୍) ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ଦୁଷ୍ମନ୍ତ ଦାସ, ସିପିଆଇ(ଏମ୍‌ଏଲ୍) ଲିବରେସନ ରାଜ୍ୟ କମିଟି ସଭ୍ୟ କମ୍ରେଡ୍ ମହେନ୍ଦ୍ର ପରିଡା, ସିପିଆଇ(ଏମ୍‌ଏଲ୍) ରେଡ୍ ଷ୍ଟାର ରାଜ୍ୟ ସଂପାଦକ କମ୍ରେଡ୍ ପ୍ରମିଳା ବକ୍ତବ୍ୟ ରଖି କମ୍ରେଡ ବୀଣାପାଣି ଦାସଙ୍କ ସ୍ମୃତିଚାରଣ କରିବା ସହିତ ବର୍ତ୍ତମାନର ଉଦ୍‌ବେଗଜନକ ପରିସ୍ଥିତିରେ ଫାସିବାଦୀ ଆକ୍ରମଣକୁ ପ୍ରତିହତ କରିବାପାଇଁ ବାମ-ଗଣତାନ୍ତ୍ରିକ ଶକ୍ତିମାନଙ୍କର ଐକ୍ୟବଦ୍ଧ ଶକ୍ତିଶାଳୀ ଆନ୍ଦୋଳନ ଗଢିତୋଳିବାକୁ ଆହ୍ୱାନ ଦେଇଥିଲେ।

ଜାନୁଆରି ୩ ତାରିଖ ଦିନ କଟକ ଶହୀଦ ଭବନରେ ଅନୁଷ୍ଠିତ ଏହି ସ୍ମରଣ ସଭାରେ ସଭାପତିତ୍ୱ କରିଥିଲେ ପାର୍ଟିର ରାଜ୍ୟ ସଂପାଦକ ମଣ୍ଡଳୀର ବରିଷ୍ଠ ସଦସ୍ୟ କମ୍ରେଡ୍ ବିଷ୍ଣୁ ଦାସ। ପ୍ରଥମେ କମ୍ରେଡ୍ ଶିବଦାସ ଘୋଷଙ୍କ ଉପରେ ରଚିତ ସଂଗୀତ ପରିବେଷଣ କରାଯାଇଥିଲା। ଏହା ପରେ ପ୍ରୟାତ ନେତ୍ରୀ କମ୍ରେଡ୍ ବୀଣାପାଣି ଦାସଙ୍କ ପ୍ରତିଛବିରେ ପାର୍ଟିର ସାଧାରଣ ସଂପାଦକ କମ୍ରେଡ୍ ପ୍ରଭାସ ଘୋଷଙ୍କ ପକ୍ଷରୁ ମାଲ୍ୟାର୍ପଣ କରିଥିଲେ ସଭାର ସଭାପତି କମ୍ରେଡ ବିଷ୍ଣୁ ଦାସ। କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ୍ ଦ୍ୱାରିକାନାଥ ରଥ, କେନ୍ଦ୍ରୀୟ କମିଟି ସଭ୍ୟ ତଥା ରାଜ୍ୟ ସଂପାଦକ କମ୍ରେଡ୍ ଶଙ୍କର ଦାସଗୁପ୍ତଙ୍କ ପରେ ତଥା ନିମନ୍ତ୍ରିତ ଭାତୃପ୍ରତିମ ବାମପନ୍ଥୀ ଦଳମାନଙ୍କର ନେତୃମଣ୍ଡଳୀ ମାଲ୍ୟାର୍ପଣ କରିଥିଲେ। ପ୍ରୟାତ କମ୍ରେଡ୍ ବୀଣାପାଣି ଦାସଙ୍କ ଉଦ୍ଦେଶ୍ୟରେ ରାଜ୍ୟ କମିଟିର ଶୋକ ପ୍ରସ୍ତାବ ପାଠ କରିଥିଲେ ସଂପାଦକ ମଣ୍ଡଳୀ ସଭ୍ୟ ତଥା ରାଜ୍ୟ ଅଫିସ ସଂପାଦିକା କମ୍ରେଡ୍ ସ୍ୱୟଂପ୍ରଭା ନାୟକ, ଏହା ପରେ ୧ମିନିଟ୍ ନିରବତା ପାଳନ କରାଯାଇଥିଲା। ଏହା ପୂର୍ବରୁ ଦିନ ୧୧ଟାରୁ ୧୨ଟା ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାର୍ଟିର ବିଭିନ୍ନ ଗଣ ସଂଗଠନ, ଶ୍ରେଣୀ ସଂଗଠନ, କିଶୋର ସଂଗଠନ କମସୋମଲ ପକ୍ଷରୁ ମାଲ୍ୟାର୍ପଣ ପରେ ରାଜ୍ୟ କମିଟି ଓ ସଂପାଦକ ମଣ୍ଡଳୀ ସଭ୍ୟମାନେ ତଥା ବିଭିନ୍ନ ଜିଲ୍ଲା ଜମିଟି ଓ ଜିଲ୍ଲା ସାଂଗଠନିକ କମିଟିର ସଂପାଦକମାନେ ମାଲ୍ୟାର୍ପଣ କରିଥିଲେ। ପାର୍ଟିର ବରିଷ୍ଠ ସଭ୍ୟ କମ୍ରେଡ୍ ସତ୍ୟପ୍ରିୟ ମହାନ୍ତିଙ୍କ ତରଫରୁ ପାର୍ଟିର ସୁନ୍ଦରଗଡ ଜିଲ୍ଲା କମିଟି ସଭ୍ୟ କମ୍ରେଡ୍ ବିଷ୍ଣୁ ପଣ୍ଡା ମାଲ୍ୟାର୍ପଣ କରିଥିଲେ। ଝାରଖଣ୍ଡ ରାଜ୍ୟ ସାଂଗଠନିକ କମିଟି ପକ୍ଷରୁ ମାଲ୍ୟାର୍ପଣ କରିଥିଲେ କମ୍ରେଡ୍ ଲିଲି ଦାସ। ବହୁ ସଂଖ୍ୟାରେ ବିଶିଷ୍ଟ ନାଗରିକମାନେ ଉପସ୍ଥିତ କମ୍ରେଡ୍ ଓ ଶୁଭେଚ୍ଛୁମାନେ ମଧ୍ୟ ମାଲ୍ୟାର୍ପଣ କରି ଶ୍ରଦ୍ଧା ନିବେଦନ କରିଥିଲେ। ପୂର୍ବତନ ଜିଲ୍ଲା ଜଜ୍ ଶ୍ରୀଯୁକ୍ତ ଭିକାରୀ ରାଉତ, ବିଶିଷ୍ଟ ଶ୍ରମିକ ନେତା ମନୋରଂଜନ ମହାରଣା, କଟକ ମହାନଗରର କର୍ପୋରେଟର ପୁଷ୍ପିତା ମହାନ୍ତି, ଆଡଭୋକେଟ୍ ବିଜୟ ରାଉତରାୟ, ଡ. ବିଶ୍ୱଜିତ, ବିଶିଷ୍ଟ ପରିବେଶବିତ୍ ଓ ସାମାଜିକ କର୍ମୀ ପ୍ରଫୁଲ ସାମନ୍ତରା, ସମଦୃଷ୍ଟି ସଂପାଦକ ସୁଧୀର ପଟ୍ଟନାୟକ, ଏନ୍‌ଏଫ୍‌ଆଇଟିୟୁର ନେତା ଯୁଧିଷ୍ଠିର ମହାରଣା, କମ୍ରେଡ୍ ସୁଧାଂଶୁ ଦାସ, କମ୍ରେଡ ରବି ମଲ୍ଲିକ, ଓଡିଶା ଉଚ୍ଚ ନ୍ୟାୟାଳୟର ବିଶିଷ୍ଟ ଆଡଭୋକେଟ୍ ଗୁରୁ ମହାନ୍ତି, ଓଡିଶା ଫାର୍ମାସ୍ୟୁଟିକାଲ ଏମ୍ପ୍ଲୟିଜ ଆସୋସିଏସନ ପକ୍ଷରୁ ସୁଶାନ୍ତ ସାମଲ, ଡ. ସଂଜିତ ପଟ୍ଟନାୟକ, ଶ୍ୟାମସୁନ୍ଦର ଦାସ, ସଚିନ ସାମଲ, ସୁକାନ୍ତ ନାୟକ ଓ ଅନ୍ୟ ବହୁ ବୁଦ୍ଧିଜୀବୀ ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧା ଜଣାଇଥିଲେ।

ସଭାପତିଙ୍କ ଅଭିଭାଷଣ ପ୍ରଦାନ ଓ ଆନ୍ତର୍ଜାତିକ ସଂଗୀତ ପରିବେଷଣ ପରେ ସଭା ସାଂଗ ହେଲାବେଳକୁ ସମୟ ପ୍ରାୟ ଅପରାହ୍ନ। ଶୋକାହତ ମୁଖମଣ୍ଡଳରେ ଅଂଗୀକାର ବଦ୍ଧତାର ଆଭା ଝଟକି ପଡୁଥାଏ। ସବୁଠି ଯେମିତି ଚାପା ଗୁଞ୍ଜରଣ ଅନୁଭୂତ ହେଉଥାଏ। କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷାରେ ପରିଚାଳିତ ଏ ବିପ୍ଳବୀ ସଂଗ୍ରାମ ଶତ ଶତ ବୀଣା ଅପାଙ୍କୁ ଜନ୍ମ ଦେବ, ବିପ୍ଳବର ବଗିଚା ବୀଣା ଅପାଙ୍କ ଭଳି ଶତ ଶତ ପ୍ରସ୍ଫୁଟିତ ପୁଷ୍ପରେ ଭରିଯିବ।

★★★

# ଆନ୍ଦୋଳନ ଚାପରେ କୋଲ୍ ୱାସେରୀ ପାଇଁ ବିମଳା କଂପାନୀର ଜନଶୁଣାଣୀ ବାତିଲ



ବିମଳା ଇନଫ୍ରାଷ୍ଟ୍ରକଚର ମଲ୍ଟି ନୋଡାଲ ଲଜିଷ୍ଟିକସ୍ ଲିମିଟେଡ୍ ପକ୍ଷରୁ କୋଲ୍ ୱାସେରୀ ପ୍ରତିଷ୍ଠା ପାଇଁ ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ଲକସ୍ଥ ଦୁର୍ଗାପୁରଠାରେ ଏକ ସର୍ବ ସାଧାରଣ ଜନଶୁଣାଣୀ ପାଇଁ ସ୍ଥାନୀୟ ପ୍ରଶାସନ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସ୍ଥାନୀୟ ଦୁର୍ଗାପୁର, ଜେରେଙ୍ଗ ଦେହୁରୀସାହି, ଭାଗିରଥିପୁର, କୁମୁରସିଙ୍ଗ ପ୍ରଭୃତି ଗ୍ରାମର ଶହଶହ ପୁରୁଷ, ମହିଳା, ଯୁବକ ଜନସ୍ୱାର୍ଥ ବିରୋଧୀ ପ୍ରଦୂଷଣକାରୀ କୋଲ୍ ୱାସେରି ବନ୍ଦ, ଚାଷଜମିରେ ଶିଳ୍ପ ପ୍ରତିଷ୍ଠା ବନ୍ଦ, ମରିବୁ ପଛେ ଭିଟାମାଟି ଛାଡ଼ିବୁ ନାହିଁ, ଅନୁଗୋଳରେ ଆଉ ନିଯୁକ୍ତି ସୁଯୋଗ ବିହୀନ ଶିଳ୍ପ ବନ୍ଦ, ଭୋଗ ଦଖଲ କରି ଆସୁଥିବା ଦଖଲଦାରଙ୍କୁ ବିନା ସଲାମିରେ ପଟ୍ଟା ଯୋଗାଣ ଇତ୍ୟାଦି ଦାବିରେ ସ୍ଲୋଗାନ ଦେଇ ସଭା ସ୍ଥଳରେ ପହଂଚିଥିଲେ। ଜନଗଣଙ୍କ ବିରୋଧ ଯୋଗୁଁ କୌଣସି ପ୍ରଶାସନିକ ଅଧିକାରୀ ଏବଂ କଂପାନୀ ପଦାଧିକାରୀ ଜନଶୁଣାଣୀ ସ୍ଥାନକୁ ଆସିନପାରି ସଭା ବାତିଲ କରିବାକୁ ବାଧ ହୋଇଥିଲେ। ଆଗାମୀ ଦିନରେ ଯେକୌଣସି ଜନସ୍ୱାର୍ଥ ବିରୋଧୀ ପଦକ୍ଷେପ ବିରୁଦ୍ଧରେ ଶକ୍ତିଶାଳୀ ଆନ୍ଦୋଳନ ଗଢିତୋଳିବା ପାଇଁ ଦୁର୍ଗାପୁର ଗ୍ରାମ ସଭାପତି ଗୋବିନ୍ଦ ଶତପଥୀ, ସଂପାଦକ ସୁରେଶ ସାହୁ, ଉପସଭାପତି ଦିଲ୍ଲିପ ପ୍ରଧାନ, ଭଗୀରଥିପୁର ଗ୍ରାମ ସଭାପତି ସୁଦର୍ଶନ ବେହେରା, ସଂପାଦକ ଆର୍ତ୍ତତ୍ରାଣ ସାହୁ, ଚିତ୍ତରଞ୍ଜନ ପାଣି, ଏସୟୁସିଆଇ(କମ୍ୟୁନିଷ୍ଟ) ସଂଗଠକ ମାନସ ପାଳ, ଭରତ ନାଏକ, ଲମ୍ବୋଦର ପଣ୍ଡା, ଦୁଃଖ ବନ୍ଧୁ ବେହେରା, ପ୍ରମୁଖ ଆହ୍ୱାନ ଦେଇଛନ୍ତି।

# କଟକଠାରେ ଟାଟା କଂପାନୀର ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ ଆଦାୟ ବିରୁଦ୍ଧରେ ବିକ୍ଷୋଭ




କଟକ ମହାନଗର ଦକ୍ଷିଣାଂଚଳ ନାଗରିକ ସମିତି ଉଦ୍ୟୋଗରେ ଜାନୁଆରୀ ୨ ତାରିଖରେ ସ୍ଥାନୀୟ ବାଲିକୁଦା ଗୋପାଳପୁର ଟାଟାପାୱାର ଅଫିସ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ଟାଟା ପାୱାର ଦ୍ୱାରା ଅଧିକ ସିକ୍ୟୁରିଟି ଡିପୋଜିଟ ଆଦାୟ ଏବଂ ସ୍ମାର୍ଟ ମିଟର ଲଗାଇବା ଆଳରେ ଉପଭୋକ୍ତା ମାନଙ୍କ ପକେଟ କାଟିବା ଉଦ୍ୟମକୁ ବିକ୍ଷୋଭକାରୀ ମାନେ ଦୃଢ ବିରୋଧ କରିଥିଲେ। ଏହା ବ୍ୟତୀତ ଏହି ଡିଭିଜନର ଅଘୋଷିତ ବିଜୁଳି କାଟ ସହିତ ବାରମ୍ବାର ଅଭିଯୋଗ କଲେ ମଧ୍ୟ ମୁକୁଳା ବିପଦ ପୂର୍ଣ୍ଣ ଟ୍ରାନ୍ସଫର୍ମରକୁ ଆବଦ୍ଧ ନକରିବା, ଜନବସତି ଅଂଚଳରୁ ୩୩ କେଭି ଲାଇନ ହଟାଇବା କ୍ଷେତ୍ରରେ କୋହଳ ମନୋବୃତ୍ତି ପୋଷଣ କରିବା ଭଳି ସମସ୍ୟା ଦୂର କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ସ୍ଥାନୀୟ ଭାରପ୍ରାପ୍ତ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ନାଗରିକ ସମିତିର ଆବାହକ ଅକ୍ଷୟ ରାଉଳଙ୍କ ସମେତ ଡ଼ ବ୍ରଜକିଶୋର ନାୟକ, ରଞ୍ଜନ ଲେଙ୍କା, ହରିଜୀବନ ଦାସ, ରମାକାନ୍ତ ସାହୁ, ଦୁଷ୍ମନ୍ତ ଦାସ, ଗୋବିନ୍ଦ ଦାସ, ବିଭାଶିନୀ ରାଉତ, ସୁଷମା ପଣ୍ଡା, ସୁଶାନ୍ତ ମହାନ୍ତି, ନଳିନୀ ମହାନ୍ତି, ଜିଲ୍ଲା ଉପୋଭୋକ୍ତା ମଂଚ ତରଫରୁ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବିଶ୍ୱାବସୁ ଦାସଙ୍କ ସମେତ ରଞ୍ଜିଲ ପାଳ, ସଞ୍ଜୟ ଲେଙ୍କା, ଦିପ୍ତୀରଂଜନ ସାହୁ ପ୍ରମୁଖ ଟାଟା ପାୱାରର ଜୁଲୁମକୁ କଡା ସମାଲୋଚନା କରିଥିଲେ।

# ଅବିଳମ୍ବେ ମଣ୍ଡି ଖୋଲିବା ଦାବିରେ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ବିକ୍ଷୋଭ




ଜାନୁୟାରୀ ୯ତାରିଖ ଦିନ ଯାଜପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ଏଆଇକେକେଏମଏସ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଅବିଳମ୍ବେ ଧାନ ମଣ୍ଡି ଖୋଲି ଚାଷୀ ଓ ଭାଗଚାଷୀ ମାନଙ୍କଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ କ୍ରୟ କରିବା ଓ ଅନ୍ୟାନ୍ୟ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରି ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ରାଜ୍ୟ ସଭାପତି କମ୍ରେଡ଼ ସଦାଶିବ ଦାସ, ଜିଲ୍ଲା ସଭାପତି ଚୈତନ୍ୟ ସାହୁ, ଜିଲ୍ଲା ସଂପାଦକ ଅଚ୍ୟୁତ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ।

ଧର୍ମଶାଳା ବ୍ଲକରେ ଅବିଳମ୍ବେ ଧାନମଣ୍ଡି ଖୋଲିବା ଦାବିରେ ଜାନୁୟାରୀ ୫ତାରିଖ ଦିନ ଏଆଇକେକେଏମଏସ ଧର୍ମଶାଳା ବ୍ଲକ କମିଟି ପକ୍ଷରୁ, ରେଖିଦେଇପୁର ସମବାୟ ସମିତି ସମ୍ମୁଖରେ ବିକ୍ଷୋଭ ପ୍ରର୍ଦଶନ କରାଯାଇଥିଲା। ସମବାୟ ସମିତିର ସଂପାଦକଙ୍କ ଜରିଆରେ ଯାଜପୁର ଜିଲ୍ଲା କଲେକ୍ଟରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ସଙ୍ଗଠନର ବ୍ଲକ ସଭାପତି, ସଂପାଦକ ନାରାୟଣ ପରିଡା ଓ ପବିତ୍ର ସାହୁ। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଜିଲ୍ଲା ସଭାପତି ଚୈତନ୍ୟ ସାହୁ ମଧ୍ୟ ଉପସ୍ଥିତ ଥିଲେ।

# ଭେନେଜୁଏଲା ଉପରେ ମାର୍କିନ ଆକ୍ରମଣ ପ୍ରତିବାଦରେ ବାମପନ୍ଥୀ ଦଳମାନଙ୍କ ପକ୍ଷରୁ କଟକଠାରେ ବିକ୍ଷୋଭ




ଭେନେଜୁଏଲା ଉପରେ ମାର୍କିନ ଆକ୍ରମଣ ଓ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ଅପହରଣ ପ୍ରତିବାଦରେ ଏସୟୁସିଆଇ(ସି), ସିପିଆଇ(ଏମ୍), ସିପିଆଇ ପକ୍ଷରୁ ଜାନୁଆରୀ ୬ ତାରିଖରେ ଏକ ପ୍ରତିବାଦ ବିକ୍ଷୋଭ ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଘଟଣାରେ ବିଜେପି ସରକାରଙ୍କର ଅପମାନଜନକ ଓ ଲଜ୍ୟାହୀନ ଆଭିମୁଖ୍ୟ କୁ ନିନ୍ଦା କରି ବାମପନ୍ଥୀ ନେତୃବୃନ୍ଦ ସେମାନଙ୍କ ବକ୍ତବ୍ୟରେ ଗୋଟିଏ ସ୍ୱାଧୀନ ସାର୍ବଭୌମ୍ୟ ରାଷ୍ଟ୍ର ଭେନେଜୁଏଲା ଉପରେ ଆମେରିକାର ନଗ୍ନ ଆକ୍ରମଣ ଓ ଦାଦାଗିରି ବିଶ୍ୱବାସୀଙ୍କୁ ହତବାକ୍ କରିଛି ବୋଲି ପ୍ରକାଶ କରିଥିଲେ। ଆମେରିକାର ଶସସ୍ତ୍ର ବାହିନୀଦ୍ୱାରା ସେ ଦେଶର ରାଷ୍ଟ୍ରପତି ଓ ତାଙ୍କର ପତ୍ନୀଙ୍କୁ ଶୋଇଥିବା ଅବସ୍ଥାରେ ଅପହରଣ କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ମାତ୍ର ଏହି ଘଟଣାରେ କେନ୍ଦ୍ର ବିଜେପି ସରକାରର ନିନ୍ଦନୀୟ ଭୂମିକା ଭାରତର ଜନ ସାଧାରଣଙ୍କ ଦୀର୍ଘ ସାମ୍ରାଜ୍ୟବାଦ ବିରୋଧୀ ପରଂପରାକୁ କାଳିମାଲିପ୍ତ କରୁଛି ବୋଲି ବିକ୍ଷୋଭକାରୀ ମାନେ ପ୍ରକାଶ କରିଥିଲେ। ବିକ୍ଷୋଭ ସ୍ଥଳରେ ସିପିଆଇ(ଏମ୍) ନେତା କମ୍ରେଡ ରବିନାରାୟଣ ମଲ୍ଲିକଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଅମରେନ୍ଦ୍ର ମହାନ୍ତି, ବରିଷ୍ଠ ନେତା କିଶୋର ଜେନା, ପ୍ରସନ୍ନ ମହାପାତ୍ର, ସୁଶାନ୍ତ ମହାପାତ୍ର, କୃଷ୍ଣପ୍ରିୟା ମିଶ୍ର, ବିପିନ ବିହାରୀ ପାଢ଼ୀ, ସିପିଆଇ(ଏମ୍) ଜିଲ୍ଲା ସଂପାଦକ ବଦ୍ରିନାରାୟଣ ଦାସ, ପ୍ରତାପ ମହାପାତ୍ର, ବିଷ୍ଣୁ ବେହେରା, ଚନ୍ଦ୍ରକାନ୍ତ ବେହେରା, ଶ୍ରମିକ ନେତା ପିତାମ୍ବର ଲେଙ୍କା, ରମେଶ ବେହେରା, ଏସୟୁସିଆଇ(ସି)ର କଟକ ଜିଲ୍ଲା ସଂପାଦକ କମ୍ରେଡ୍ ବିଶ୍ୱାବସୁ ଦାସ, ଦଳର ଅଫିସ ସଂପାଦକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ମାଳବିକା ସାମଲ, ଦୀପକ ଦାସ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

# ବିଜୁଳି ଗ୍ରାହକ ମାନଙ୍କର ବିଭିନ୍ନ ଦାବିରେ ଡେଲାଙ୍ଗ ଓ ସତ୍ୟବାଦୀଠାରେ ଏସୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଗଣବିକ୍ଷୋଭ




ଡିସେମ୍ବର ୩୦ ତାରିଖରେ ଏସୟୁସିଆଇ (କମ୍ୟୁନିଷ୍ଟ) ଡେଲାଙ୍ଗ ଲୋକାଲ୍ କମିଟି ପକ୍ଷରୁ ଟାଟା ପାୱାର ମ୍ୟାନେଜରଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ସ୍ଥାନରେ ଦଳର ଲୋକାଲ୍ କମିଟି ସଂପାଦକ କମ୍ରେଡ୍ ଦୀନବନ୍ଧୁ ପରିଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ହୋଇଥିଲା। ଏହି ବିକ୍ଷୋଭରେ ଏସୟୁସିଆଇ(ସି) ପୁରୀ ଜିଲ୍ଲା କମିଟି ସଂପାଦକ କମ୍ରେଡ୍ ସୁବାସ ବରାଳ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ରେଡ୍ ପଦ୍ମଚରଣ ଜେନା, କମ୍ରେଡ୍ ବଟକୃଷ୍ଣ ସ୍ୱାଇଁ, କମ୍ରେଡ୍ ତ୍ରିନାଥ ପ୍ରଧାନ ବକ୍ତବ୍ୟ ରଖିଥିଲେ। ବିକ୍ଷୋଭ ସ୍ଥଳରୁ ତିନିଜଣିଆ ପ୍ରତିନିଧି ଦଳ ମ୍ୟାନେଜରଙ୍କୁ ସାକ୍ଷାତ କରି ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ।

ସେହିପରି ଡିସେମ୍ବର ୩୧ ତାରିଖରେ ଏସୟୁସିଆଇ(କମ୍ୟୁନିଷ୍ଟ) ସତ୍ୟବାଦୀ ଲୋକାଲ୍ କମିଟି ପକ୍ଷରୁ ଲୋକାଲ୍ କମିଟି ସଂପାଦକ କମ୍ରେଡ୍ ସୁବାସ ବେହେରାଙ୍କ ଅଧ୍ୟକ୍ଷତାରେ ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିସିଓଡିଏଲ) ଫ୍ୟୁଜକଲ୍ ସେଣ୍ଟର ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ଦଳର ପୁରୀ ଜିଲ୍ଲା କମିଟି ସଂପାଦକ କମ୍ରେଡ୍ ସୁବାସ ବରାଳ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାର ବିଦ୍ୟୁତ ବିଭାଗକୁ ଘରୋଇକରଣ କରିବା ଫଳରେ ଟାଟା ପାୱାର ମନଇଚ୍ଛା ଉପଭୋକ୍ତାଙ୍କୁ ଶୋଷଣ କରୁଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ରେଡ୍ ଶ୍ୟାମସୁନ୍ଦର ମହାପାତ୍ର, କମ୍ରେଡ୍ ହାଡ଼ିବନ୍ଧୁ ବେହେରା, କମ୍ରେଡ୍ ପ୍ରଭାକର ନାୟକ ବକ୍ତବ୍ୟ ରଖିଥିଲେ। କମ୍ରେଡ୍ ସୁଦର୍ଶନ ବେହେରା, ବିଶ୍ୱନାଥ ବେହେରା ଓ ସୁଦର୍ଶନ ବରାଳଙ୍କୁ ନେଇ ଗଠିତ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ୧୦ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ।

# ଏଆଇଡିଏସ୍‌ଓ ପକ୍ଷରୁ ନବଜାଗରଣର ଅନ୍ୟତମ ପୁରୋଧା ଫକୀରମୋହନ ସେନାପତିଙ୍କ ୧୮୪ତମ ଜୟନ୍ତୀ ପାଳିତ



ନବଜାଗରଣର ଅନ୍ୟତମ ପୁରୋଧା ଓଡ଼ିଆ କଥା ସମ୍ରାଟ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୪ତମ ଜୟନ୍ତୀ ଏଆଇଡିଏସ୍‌ଓ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବାଲେଶ୍ୱର ଜିଲ୍ଲାର ଗୋଲପୋଖରୀ ଛକାରେ ୧୩ଜାନୁୟାରୀ ରେ ଏକ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ହୋଇଥିବା ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀ ମାନଙ୍କୁ ଉକ୍ତ ସଭାରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ଫଇଜଲ୍ ଅଲ୍ଲୀ, ସମ୍ମାନୀତ ଅତିଥି ପ୍ରାକ୍ତନ ଶିକ୍ଷକ ନିତ୍ୟାନନ୍ଦ ପାତ୍ର ଏବଂ ମୁଖ୍ୟବକ୍ତା ଭାବେ ଏଆଇଡିଏସ୍‌ଓ ରାଜ୍ୟ ସଭାପତି କମ୍ରେଡ ସୋମନାଥ ବେହେରା ଯୋଗ ଦେଇଥିଲେ। ଉକ୍ତ ସଭାରେ ବାଲେଶ୍ୱର ଜିଲ୍ଲା ସଂପାଦକ ପ୍ରଶାନ୍ତ ଦାସ ସଭାପତିତ୍ୱ କରିଥିଲେ।

ଏଆଇଡିଏସ୍‌ଓ ଅନୁଗୁଳ ଜିଲ୍ଲା କମିଟି ଉଦ୍ୟୋଗରେ ୧୪ଜାନୁୟାରୀ ରେ ଜିଲ୍ଲା ସଂପାଦକ ନାରାୟଣ ନାୟକଙ୍କ ସଭାପତିତ୍ୱରେ ଅନୁଗୁଳ ଜିଲ୍ଲାସ୍ତରୀୟ ଫକୀରମୋହନ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏହି ସଭାରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ଡ.ଧନେଶ୍ୱର ସାହୁ, ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ମେଣ୍ଡୁଲି, ବିଦ୍ୟାଧର ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଏଆଇଡିଏସ୍‌ଓ ରାଜ୍ୟ ସଂପାଦକ ସିଦ୍ଧାର୍ଥ ରଥ ଏବଂ ଅନ୍ୟତମ ବକ୍ତା ଭାବେ ଗଞ୍ଜାମ ଜିଲ୍ଲା କମିଟି ସଂପାଦକ ନାରାୟଣ ସାହୁ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏଆଇଡିଏସ୍‌ଓ ଜିଲ୍ଲା ଉପସଭାନେତ୍ରୀ ସରୋଜିନୀ ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ନିରୁପମା ନାୟକ, ଏଲିଶା ଶୁଭଦର୍ଶନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କୃତି ପ୍ରତିଯୋଗୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ବାଲେଶ୍ୱର ଜିଲ୍ଲାର ଭୋଗରାଇ ଥାନା ଛକ ଠାରେ ଫକୀର ମୋହନ ଜୟନ୍ତୀ ଅବସରରେ ସେଠାରେ ଥିବା ପ୍ରତିମୂର୍ତ୍ତିରେ ଶିକ୍ଷାବିତ୍ ଉତ୍ସବ କୁମାର କର, ପ୍ରାକ୍ତନ ପ୍ରଧାନଶିକ୍ଷକ ଶ୍ରୀକୃଷ୍ଣ ଦାସ, ସମାଜସେବୀ ଗୌରହରି ମହାନ୍ତି, ପ୍ରାକ୍ତନ ଅଧ୍ୟାପକ ଭାନୁଚରଣ ଦାସ ପ୍ରମୁଖ ପୁଷ୍ପ ଅର୍ପଣ କରିଥିଲେ। ଏହାପରେ ଏକ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଆଇଡିଏସଓ ଜିଲ୍ଲା ସଭାପତି କମ୍ରେଡ଼ ହରେକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ହିମାଂଶୁ ଦାସ, ମୁଖ୍ୟବକ୍ତା ଭାବେ ଏଆଇଡିଏସଓ ରାଜ୍ୟ ସଭାପତି କମ୍ରେଡ଼ ସୋମନାଥ ବେହେରା ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।ଏହି ସଭାରେ ଜିଲ୍ଲା ସଂପାଦକ ପ୍ରଶାନ୍ତ କୁମାର ଦାସ, ରୁପଶ୍ରୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଯାଜପୁରରେ ଭେନେଜୁଏଲା ଉପରେ ସାମ୍ରାଜ୍ୟବାଦୀ ଆମେରିକାର ଆକ୍ରମଣ ବିରୁଦ୍ଧରେ ପ୍ରତିବାଦ ସଭା

ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ସାମ୍ରାଜ୍ୟବାଦୀ ଆମେରିକା ସମସ୍ତ ଆନ୍ତର୍ଜାତିକ ଆଇନ, ନୀତି ନିୟମକୁ ପାଦରେ ଦଳିଦେଇ ଏକ ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ର ଭେନେଜୁଏଲା ଉପରେ ଆକ୍ରମଣର ଦୃଢ଼ ପ୍ରତିବାଦ କରାଯାଇଛି। ସେ ଦେଶର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେସଙ୍କୁ ଗିରଫ କରି ନିଜ ଦେଶକୁ ନେଇଆସିବାକୁ ମଧ୍ୟ ବିକ୍ଷୋଭକାରୀ ନିନ୍ଦା କରିଛନ୍ତି। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ସାରା ଭାରତ ବର୍ଷରେ ପ୍ରତିବାଦ ପରିପ୍ରେକ୍ଷୀରେ ଯାଜପୁର ରୋଡ, ପ୍ରୀତିପୁର ଓ ଜରିଠାରେ ପ୍ରତିବାଦ ସଭା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମ ମାନଙ୍କରେ ପାର୍ଟି ରାଜ୍ୟ କମିଟି ସଦସ୍ୟ କମ୍ରେଡ ବିଜୟାନନ୍ଦ ମଲ୍ଲିକ ଓ କେଦାର ନାଥ ସାହୁ, ଜିଲ୍ଲା କମିଟି ସଦସ୍ୟ କମ୍ରେଡ ରାଧାବଲ୍ଲଭ ମଲ୍ଲିକ, ନିରୁପମା ବେହେରା, ବିଶିଷ୍ଟ ସଙ୍ଗଠକ ମେଘନାଦ ମଲ୍ଲିକ, ଅଲେଖ ମଲ୍ଲିକ, ବିଜୟ ଜେନା, ଶରତ ଜେନା, ବ୍ରହ୍ମାନନ୍ଦ ମଲ୍ଲିକ, ମାଧବୀଲତା ଜେନା ପ୍ରମୁଖ ବକ୍ତବ୍ୟ ରଖି ଆମେରିକାର ଏହିଭଳି ଘୃଣ୍ୟ କାର୍ଯ୍ୟକୁ ତୀବ୍ର ନିନ୍ଦା କରିଥିଲେ।










# ଶିକ୍ଷା ବଂଚାଅ କମିଟି ତରଫରୁ ବାଲେଶ୍ୱରଠାରେ ଫକୀରମୋହନ ଜୟନ୍ତୀ ପାଳିତ



ସାରା ଭାରତ ଶିକ୍ଷା ବଂଚାଅ କମିଟି ଜଳେଶ୍ୱର କମିଟି ତରଫରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୩ତମ ଜୟନ୍ତୀ ଅବସରରେ ଜଳେଶ୍ୱର ବ୍ଲକ ପରିସରରେ ଥିବା ଫକୀରମୋହନଙ୍କ ମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ସେଠାରେ ଆୟୋଜିତ ସଭାରେ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଶିକ୍ଷା ବଂଚାଅ କମିଟିର ଆବାହକ ଡକ୍ଟର ପ୍ରଫୁଲ୍ଲ କୁମାର ଦେ ସଭା ପରିଚାଳନା କରିଥିଲେ। ଶିକ୍ଷା ବଂଚାଅ କମିଟିର ରାଜ୍ୟ କମିଟି ସଦସ୍ୟା କ୍ରିଷ୍ଣାରାଣୀ ସାହୁ ପ୍ରାରମ୍ଭିକ ସୂଚନା ଦେବାପରେ ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷ ଫକୀରମୋହନଙ୍କ ବହୁବିଧ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ଅବସର ପ୍ରାପ୍ତ ଶିକ୍ଷକ ତ୍ରିଲୋଚନ ଦାସଅଧିକାରୀ ଓ ଏନ୍‌ସିସି ଶିକ୍ଷକ ନିତ୍ୟନାରାୟଣ ଜେନା, ସାମ୍ବାଦିକ ଜଗନ୍ନାଥ ଗୋଛାୟତ ଓ ସୁକୁମାର ରଣା ଏବଂ ଛାତ୍ରଛାତ୍ରୀମାନେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଜଳେଶ୍ୱର ଗଭର୍ଣ୍ଣମେଣ୍ଟ ହାଇସ୍କୁଲ, ଆରକେ ସରକାରୀ ହାଇସ୍କୁଲ, ଦିନକୃଷ୍ଣ କଲେଜ ଓ ମାସ ଏକାଡେମୀର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ବିଶିଷ୍ଟ ଶିକ୍ଷକ ବିଷ୍ଣୁପଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନଜୀବନର ବିଭିନ୍ନ ଦାବିରେ ଏସୟୁସିଆଇ(ସି) ବାମରା ବ୍ଲକ କମିଟିର ବିକ୍ଷୋଭ




ଚାଷୀ ମାନଙ୍କର ଧାନ ବିକ୍ରିରେ ଦେଖାଦେଇଥିବା ସମସ୍ୟା ଦୂରକରି କଟନୀ ଛଟଣି ବନ୍ଦ କରି ସମସ୍ତ ଚାଷୀଙ୍କ ଧାନ ମଣ୍ଡିରେ କ୍ରୟ କରିବା ବ୍ୟବସ୍ଥା କରିବା, ଟାଟା ବିଦ୍ୟୁତ କଂପାନୀର ଗ୍ରାହକ ଶୋଷଣ ବନ୍ଦ କରିବା, ନିର୍ମାଣ ଶ୍ରମିକଙ୍କୁ ସମସ୍ତ ସହାୟତା ପ୍ରଦାନ କରିବା, ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଆକାଶ ଛୁଆଁ ଦରଦାମ ବୃଦ୍ଧି ବନ୍ଦ କରିବା ସହିତ ଜନଜୀବନର ବିଭିନ୍ନ ଜ୍ୱଳନ୍ତ ସମସ୍ୟାର ସମାଧାନ ଦାବିରେ ଜାନୁଆରୀ ୮ ତାରିଖରେ ଏସୟୁସିଆଇ(କମ୍ୟୁନିଷ୍ଟ) ବାମରା ବ୍ଲକ ସାଂଗଠନିକ କମିଟି ଆହ୍ୱାନରେ ଏକ ଗଣବିକ୍ଷୋଭ ବାମରା ବ୍ଲକ ଅଫିସରେ ଅନୁଷ୍ଠିତ ହୋଇଥିଲା। ବ୍ଲକ୍ କମିଟିର ସଂପାଦକ କମ୍ରେଡ଼ ଲକ୍ଷ୍ମୀନାରାୟଣ ଛତ୍ରିଆଙ୍କ ନେତୃତ୍ୱରେ କମ୍ରେଡ଼ ହରିହର ଟପ୍ପୋ, ମମତା ମହାନନ୍ଦ, ଖଗେଶ୍ୱର ବିଶ୍ୱାଳ, ଦେବାନନ୍ଦ ବାଗ, ବିକ୍ରମ ଟପ୍ପୋ, ପୁଷ୍ପାଞ୍ଜଳି ନାଏକ ପ୍ରମୁଖଙ୍କ ସମେତ ବ୍ଲକର ବିଭିନ୍ନ ଗ୍ରାମରୁ ଶତାଧିକ ଶ୍ରମିକ, ଚାଷୀ, ମୂଲିଆ ଓ ସାଧାରଣ ଲୋକ ଏହି ବିକ୍ଷୋଭରେ ଯୋଗଦାନ କରିଥିଲେ। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଏକ ୧୭ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା।

# ମଣ୍ଡି ସଙ୍କଟରେ ରାଜ୍ୟ ସାରା ଚାଷୀଙ୍କ ହାହାକାର ବେଫିକର ରାଜ୍ୟ ବିଜେପି ସରକାର

ରାଜ୍ୟବ୍ୟାପୀ ମଣ୍ଡି ସଂକଟ, ଟୋକନ ପ୍ରଦାନ ଓ ଧାନର ଅଭାବୀ ବିକ୍ରି ଅତ୍ୟନ୍ତ ଉଦବେଗଜନକ। ଫଳରେ ଚାଷୀ ମୁଣ୍ଡରେ ହାତଦେଇ ବସିଛି। ବିପୁଳ ଟଙ୍କା ଖର୍ଚ୍ଚ କରି ନାହିଁ ନଥିବା ଅସୁବିଧା ମଧ୍ୟରେ ଚାଷୀ ଧାନ ଚାଷ କରିଛି ହେଲେ ମଣ୍ଡିରେ ଧାନ ବିକ୍ରି ହୋଇ ପାରୁନାହିଁ। ଲକ୍ଷ ଲକ୍ଷ ମେଟ୍ରିକ୍ ଟନ୍ ଧାନ ଅଭାବୀ ବିକ୍ରି କରିବାପାଇଁ ଚାଷୀ, ବିଶେଷ କରି କ୍ଷୁଦ୍ର, ନାମମାତ୍ର ଓ ଭାଗ ଚାଷୀ ବାଧ୍ୟ ହୋଇଛି। ଚାଷୀ କ୍ୱିଂଟାଲ ପିଛା ୧୫୦୦ ରୁ ୧୮୦୦ ଟଙ୍କାରେ ଧାନ ବିକ୍ରି କରି ସର୍ବସ୍ୱାନ୍ତ ହୋଇଚାଲିଛି।

ସୂଚନା ଯୋଗ୍ୟ ରାଜ୍ୟରେ ନଭେମ୍ବର ମାସ ପ୍ରଥମ ସପ୍ତାହରୁ ଧାନ କଟା ଆରମ୍ଭ ହୋଇ ଡିସେମ୍ବର ତୃତୀୟ ସପ୍ତାହ ସୁଦ୍ଧା ଶେଷ ହୋଇଛି। ହେଲେ ଏହି ଲେଖା ଛାପାଖାନାକୁ ଯିବାବେଳକୁ ରାଜ୍ୟର ୮ ଟି ଉପକୂଳବର୍ତ୍ତୀ ଜିଲ୍ଲାରେ ଧାନ ମଣ୍ଡି ଖୋଲିନାହିଁ। ଯଦି ବି କାଁ ଭାଁ ମଣ୍ଡି ଖୋଲିଛି ସେଥିରେ ଧାନ ବିକ୍ରି ପାଇଁ ଚାଷୀ ନାହିଁ ନଥିବା ହଟହଟାର ସମ୍ମୁଖୀନ ହେଉଛି। କେନ୍ଦ୍ର ସରକାର ଧାନ କ୍ୱିଂଟାଲ ପିଛା ୨୩୬୯ ଟଙ୍କା ସର୍ବନିମ୍ନ ସହାୟକ ଦର (ଏମଏସପି) ଧାର୍ଯ୍ୟ କରିଛନ୍ତି। ଏହା ଉପରେ କ୍ୱିଂଟାଲ ପିଛା ରାଜ୍ୟ ସରକାର ୮୦୦ ଲେଖାଏଁ ସବ୍‌ସିଡି ଦେବେ ବୋଲି ଘୋଷଣା କରିଛନ୍ତି। ପାଠକ ମାନଙ୍କର ନିଶ୍ଚିତ ସ୍ମରଣ ଥିବ ଯେ ଏହି ସବ୍‌ସିଡି ଗତ ନିର୍ବାଚନରେ ବିଜେପି ଦଳର ଅନ୍ୟତମ ମୁଖ୍ୟ ନିର୍ବାଚନୀ ପ୍ରତିଶ୍ରୁତି ଥିଲା। ହେଲେ ସମଗ୍ର ରାଜ୍ୟରେ ଚାଷୀକୁ ଟୋକନ୍ ଯୋଗାଇବାଠାରୁ ଆରମ୍ଭ କରି ମଣ୍ଡିରେ ଧାନ ମପେଇବା ଏବଂ ଟଙ୍କା ପାଇବା ପର୍ଯ୍ୟନ୍ତ ବ୍ୟବସ୍ଥାକୁ ଉଦେଶ୍ୟମୂଳକ ଭାବରେ ଏତେ ଜଟିଳ କରାଯାଇଛି ଯେ ଏସବୁ ନିୟମ ପାଳନ କରି ମଣ୍ଡିରେ ଧାନ ଦେଇ ସରକାରୀ ସବ୍‌ସିଡି ସହିତ ଟଙ୍କା ପାଇବା କାର୍ଯ୍ୟତଃ ସାଧାରଣ ଚାଷୀ ପକ୍ଷରେ ଅସମ୍ଭବ ହୋଇପଡିଛି।

ପ୍ରଥମ କଥା ହେଉଛି ରାଜ୍ୟର ଭାଗଚାଷୀ, ଯେଉଁ ମାନଙ୍କ ସଂଖ୍ୟା ରାଜ୍ୟର ମୋଟ ଚାଷୀ ସଂଖ୍ୟାର ସିଂହଭାଗ, ସେମାନଙ୍କ ପାଇଁ ମଣ୍ଡିରେ ଧାନ ବିକ୍ରି ଆଇନ ଗତ ଭାବରେ ସମ୍ଭବ ନୁହେଁ। ସୁତରାଂ ସେମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ଦର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ସବସିଡିର କୌଣସି ମୂଲ୍ୟ ନାହିଁ। ଫଳରେ ଭାଗଚାଷୀ ଅଭାବୀ ବିକ୍ରି କରିବାକୁ ବାଧ୍ୟ। ଭାଗ ଚାଷୀ ମାନଙ୍କର ଏହି ଧରଣର ସମସ୍ୟା ଦୀର୍ଘ କାଳ ଧରି ଲାଗିରହିଥିଲେ ମଧ୍ୟ ବର୍ତ୍ତମାନର ରାଜ୍ୟ ବିଜେପି ସରକାର ଏହାର ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଅନ୍ୟ ପଟରେ କ୍ଷୁଦ୍ର ଚାଷୀ, ନାମ ମାତ୍ର ଚାଷୀ ମାନଙ୍କୁ ମଧ୍ୟ ସରକାର ମଣ୍ଡି ମାନଙ୍କରେ ଅବ୍ୟବସ୍ଥା ସୃଷ୍ଟିକରି, ସେଠାରେ ଧାନ କିଣା ବ୍ୟବସ୍ଥାକୁ ଅହେତୁକ ଭାବରେ ଜଟିଳ ଓ ବିଳମ୍ବିତ କରି ଅଭାବୀ ବିକ୍ରି କରିବାକୁ ବାଧ୍ୟ କରୁଛି। ଏହି କ୍ଷୁଦ୍ର ଚାଷୀ, ଭାଗ ଚାଷୀ ଓ ନାମମାତ୍ର ଚାଷୀ ମାନଙ୍କଠାରୁ ଅଳ୍ପ ଦରରେ ଧାନ ଖରିଦ୍ କରି ବ୍ୟବସାୟୀ ଓ ମିଲ ମାନେ ମଣ୍ଡିରେ ଅଧିକ ଦରରେ ଧାନ ବିକ୍ରି କରୁଛନ୍ତି।

ବାକି ରହିଲେ ନିଜ ଜମିରେ ଚାଷ କରୁଥିବା ଚାଷୀ, ସେମାନଙ୍କ ଦୁଃଖ ଅସରନ୍ତି। ସାଧାରଣତଃ ଆମ ରାଜ୍ୟରେ ମଣ୍ଡିରେ ଧାନ ବିକ୍ରି ଟୋକନ ପାଇବା ପାଇଁ ଚାଷୀ ପ୍ରତି ବର୍ଷ ଅଗଷ୍ଟ-ସେପ୍ଟେମ୍ବର ମାସରୁ ଆବେଦନ କରନ୍ତି। ହେଲେ ଏବେବି ଆବେଦନ କରିଥିବା ହଜାର ହଜାର ଚାଷୀ ଟୋକନ ଅପେକ୍ଷାରେ। ଇତି ମଧ୍ୟରେ ଚଳିତ ବର୍ଷ ପାଇଁ ଧାନ ମଣ୍ଡି ବନ୍ଦ ହୋଇଯାଇଥିବା ଜିଲ୍ଲା ମାନଙ୍କରେ ମଧ୍ୟ ହଜାର ହଜାର ଚାଷୀ ଟୋକନ ପାଇ ନାହାଁନ୍ତି। ପୁଣି ଏଭଳି ବହୁ ଚାଷୀ ଅଛନ୍ତି ଯେଉଁମାନେ ଟୋକନ ପାଇଛନ୍ତି ହେଲେ ସେମାନଙ୍କ ଠାରୁ ଧାନ କିଣା ଯାଇନାହିଁ। ଗତ ବର୍ଷର ଟୋକନ ଧରି ହଜାର ହଜାର ଚାଷୀ ବସିଛନ୍ତି ହେଲେ ଧାନ ମଣ୍ଡିରେ ମପେଇ ପାରୁନାହାନ୍ତି। ପୁଣି ନିୟମ ଅନୁଯାୟୀ ଯେଉଁ ଚାଷୀ ୧୦୦ କ୍ୱିଂଟାଲ ଧାନ ବିକ୍ରି କରି ପାରିବ ତାଙ୍କୁ ହୁଏତ ୪୦ କ୍ୱିଂଟାଲ ପାଇଁ ଟୋକନ ମିଳିଛି। ଏ ବାବଦରେ ଆଦୌ କୌଣସି ସ୍ୱଚ୍ଛତା ନାହିଁ କିମ୍ବା ଏ ବାବଦରେ ଚାଷୀର ଦୁଃଖ ଶୁଣିବାକୁ କେହି ନାହିଁ, ସରକାରୀ କଳ ଏ ବାବଦରେ ସଂପୂର୍ଣ୍ଣ ଦାୟବଦ୍ଧତା ଶୂନ୍ୟ। ଚାଷୀର ଆଉ ଗୋଟିଏ ଦୁଃଖ ହେଉଛି ସରକାର ଘୋଷଣା କରିଥିବା ଏଫଏକ୍ୟୁ ମାନ। ସରକାର କ୍ୱିଂଟାଲ ପିଛା ୮୦୦ ଟଙ୍କା ସବସିଡି ସେଇ ଧାନକୁ ନେବେ ଯେଉଁ ଧାନ ଏଫଏକ୍ୟୁ ମାନର ହୋଇଥିବ। ଏ ବାବଦରେ ସରକାରଙ୍କ ପକ୍ଷରୁ ଡ଼ାକବାଜି ଯନ୍ତ୍ରରେ ଘନ ଘନ ପ୍ରଚାର କରାଯାଉଛି। ଏହି ମାନ ପରୀକ୍ଷା ଉଦ୍ଦେଶ୍ୟରେ ମଣ୍ଡି ମାନଙ୍କରେ ଯନ୍ତ୍ର ଲାଗିଛି। ଆଉ ଏହି ଯନ୍ତ୍ର ଚାଷୀ ପାଇଁ କାଳ ହୋଇଛି। ଦେଖାଯାଉଛି ରାଜ୍ୟରେ ଉତ୍ପାଦିତ ହେଉଥିବା ପ୍ରାୟ ୮୦ ଭାଗରୁ ଅଧିକ ଧାନ ଏଫଏକ୍ୟୁ ମାନ ପରୀକ୍ଷାରେ ଫେଲ୍। ଫଳରେ ୮୦୦ ଟଙ୍କା ସବସିଡି ପାଇବା ତ ଦୂରର କଥା ଚାଷୀ ମାରାତ୍ମକ କଟନି ଛଟଣୀର ସମ୍ମୁଖୀନ ହେଉଛି। ସ୍ଥଳ ବିଶେଷରେ କ୍ୱିଂଟାଲ ପିଛା ୧୦ କିଲୋ ପର୍ଯ୍ୟନ୍ତ କଟନି ଛଟନୀ ହେଉଛି। କ୍ୱିଂଟାଲ ପିଛା ୫/୬ କିଲୋ କାଟିବା ତ ସଧାରଣ କଥା। ଏହିଭଳି ଭାବରେ ୮୦୦ ଟଙ୍କା ସବସିଡି ଲୋଭ ଦେଖାଇ ମିଲର ମାନେ ଚାଷୀର ରକ୍ତ ଶୋଷଣ କରୁଛନ୍ତି। ଏହା ଫଳରେ ଚାଷୀକୁ ସବସିଡି ଦିଆଯାଉଛି ବୋଲି ରାଜ୍ୟ ସରକାର ପ୍ରଚାର କରି ରାଜନୈତିକ ଫାଇଦା ହାସଲ କରିବାକୁ ଉଦ୍ୟମ କରୁଛନ୍ତି, ମାତ୍ର ଅନ୍ୟ ପଟରେ ଚାଷୀ ଯେଉଁ ଦୁଃଖରେ ଥିଲା ସେଇ ଦୁଃଖରେ, ବରଂ ତାର ଦୁଃଖ ବଢ଼ି ଚାଲିଛି।

ଚାଷୀର ଆଉ ଗୋଟିଏ ଦୁଃଖ ହେଉଛି ନିଜ ଖର୍ଚ୍ଚରେ ମଣ୍ଡିକୁ ଧାନ ନେଇଯିବା ଓ ଧାନ ବିକ୍ରି କରିବାପାଇଁ ସେଠାରେ ପ୍ରଚଣ୍ଡ ଶୀତରେ ଦିନ ଦିନ ଧରି ଧାନକୁ ଜଗି ପଡ଼ିରହିବା। ଉଦ୍ଦେଶ୍ୟମୂଳକ ଭାବରେ ମିଲର ଓ ସରକାରୀ କର୍ମଚାରୀମାନେ ଧାନ କିଣା ପ୍ରକ୍ରିୟାକୁ ଅହେତୁକ ଭାବରେ ବିଳମ୍ବିତ କରି ଚାଷୀ କୁ ଖର୍ଚ୍ଚାନ୍ତ କରୁଛନ୍ତି, ଯାହାଫଳରେ ଚାଷୀ ଦୈହିକ ଓ ଆର୍ଥିକ ଶୋଷଣରୁ ରକ୍ଷା ପାଇବାପାଇଁ ମଣ୍ଡି ଦୁଆର ମୁହଁରେ ହିଁ ବେପାରୀ ମାନଙ୍କୁ ଧାନ ବିକି ଦେବାକୁ ବାଧ୍ୟ ହେଉଛନ୍ତି। ଉଦାହରଣ ସ୍ୱରୂପ ଚଳିତ ବର୍ଷ କେତେକ ମଣ୍ଡିରେ ଅଧିକାରୀ ମାନେ ଫତୁଆ ଜାରୀ କଲେ - ପ୍ଲାଷ୍ଟିକ ବସ୍ତାରେ ଧାନ ଆଣିଲେ ସେ ଧାନ ଖରିଦ କରାଯିବ ନାହିଁ। ଏହା ବିରୁଦ୍ଧରେ ଚାଷୀ ମାନଙ୍କୁ ରାସ୍ତାକୁ ଓହ୍ଲାଇବାକୁ ପଡ଼ିଲା, ଆନ୍ଦୋଳନ କରିବାକୁ ପଡିଲା ତାପରେ ଯାଇ ଧାନ ବିକ୍ରି ହେଲା। ତେବେ ଏହି ପ୍ରକ୍ରିୟାରେ ୨/୪ ଦିନ ଚାଲିଗଲା, ଚାଷୀ ବିଚରା ହୋଟେଲରେ ଖାଇ ଖର୍ଚ୍ଚାନ୍ତ ହେଲା, ରାତିରେ ପାଲ ତଳେ ଶୋଇ ନୟାନ୍ତ ହେଲା। ଯାହା ଦୁଇ ପଇସା ମଣ୍ଡିରେ ଧାନ ବିକ୍ରି କରି ପାଇଲା ତାକୁ ହୋଟେଲ ବାଲାକୁ ଦେଇ ଘରକୁ ଗଲା।

ମଣ୍ଡିରେ ଧାନ ବିକ୍ରିକୁ ଆହୁରି ସମୟ ସାପେକ୍ଷ , ଯନ୍ତ୍ରଣାଦାୟକ ଓ ଅନିଶ୍ଚିତ କରି ଧାନର ଅଭାବୀ ବିକ୍ରିକୁ ଆହୁରି ବ୍ୟାପକ କରିବାପାଇଁ ଚଳିତ ବର୍ଷ ରାଜ୍ୟ ସରକାର, ବିଜେପି ଦଳ ଓ ସରକାରୀ କଳର ପ୍ରୋତ୍ସାହନରେ ମିଲର ମାନଙ୍କ ଆନ୍ଦୋଳନର ନାଟକ ରଚନା କରାଗଲା। ଆନ୍ଦୋଳନ ଫଳରେ ସମଗ୍ର ରାଜ୍ୟରେ ମଣ୍ଡି ମାନଙ୍କରେ ଧାନ ଖରିଦ ସଂପୂର୍ଣ୍ଣ ବନ୍ଦ ହୋଇଗଲା। ଚାଷୀ ହଟହଟା ହେଲେ ବେପାରୀକୁ ଅଳ୍ପ ଦରରେ ଧାନ ବିକ୍ରି କରି କାନ ମୁଣ୍ଡ ଆଉଁସି ଘରକୁ ଗଲେ। ସରକାର କହିଲେ ମିଲର ମାନଙ୍କ ଦାବି ଯୁକ୍ତିଯୁକ୍ତ। ଖବର କାଗଜମାନେ ମଧ୍ୟ ମିଲର ମାନଙ୍କ ଦୁଃଖରେ କାନ୍ଦିଲେ। ତେବେ ଦାବି ପୂରଣ କରିବାପାଇଁ ୪ ଦିନ ସମୟ ନେଇଗଲେ। ହେଲେ ଦାବି ପୂରଣ ପରେବି ପୁଣି ଧାନ କିଣା ଆରମ୍ଭ ହେବାକୁ ସପ୍ତାହେ ଚାଲିଗଲା। ଚାଷୀ ବିଚରା କୋଉ କୂଳକୁ ହେଲାନାହିଁ।

ଏଠାରେ ମିଲର ମାନଙ୍କ ଆନ୍ଦୋଳନ ସଂପର୍କରେ ଦୁଇପଦ ଉଲ୍ଲେଖ କରାଯିବା ଆବଶ୍ୟକ। ମିଲିଂ ପାଇଁ ପାଉଣା ବୃଦ୍ଧି, ମଣ୍ଡିରୁ ମିଲକୁ ଧାନ ପରିବହନ ଖର୍ଚ୍ଚ ବୃଦ୍ଧି, ନିଜ ଗୋଦାମରେ ଧାନ ସଂରକ୍ଷିତ ସଂଗ୍ରହିତ କରିବା ଭଡ଼ା ବୃଦ୍ଧି ପାଇଁ ମୁଖ୍ୟତଃ ଏହି ଆନ୍ଦୋଳନ କରାଯାଇଥିଲା। ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ଯେ ଗୋଟିଏ କ୍ୱିଂଟାଲ ଧାନ ମିଲିଙ୍ଗ କଲେ ସେଥିରୁ ୬୮ କିଲୋ ଚାଉଳ ହୁଏ, ଏହି ଚାଉଳ କେନ୍ଦ୍ର ସରକାର ଏଫସିଆଇ ଜରିଆରେ ଓ ରାଜ୍ୟ ସରକାର ସମବାୟ ବିଭାଗ ଜରିଆରେ ନିର୍ଦ୍ଦିଷ୍ଟ ଦରରେ କିଣିନିଅନ୍ତି। ଏହି ମିଲିଙ୍ଗ ପାଇଁ ସରକାର ମିଲର ମାନଙ୍କୁ କ୍ୱିଂଟାଲ ପିଛା ୨୦ ଟଙ୍କା ଦିଅନ୍ତି। ଏହା ବ୍ୟତୀତ ଗୋଟିଏ କ୍ୱିଂଟାଲ ଧାନ ମିଲିଙ୍ଗ କଲେ ସେଥିରୁ ୨୦ / ୨୨ କିଲୋ ଭୁଷି, ୮/୧୦ କିଲୋ କୁଣ୍ଡା ଓ ୨ କିଲୋ ଖୁଦ ବାହାରେ। ଭୁଷି ଓ କୁଣ୍ଡା ଗୋ ଖାଦ୍ୟ ଭାବରେ ଚଡ଼ା ଦରରେ ବିକ୍ରି ହୁଏ। ଏହା ବ୍ୟତୀତ ଭୁଷି ଇଟା ଭାଟିକୁ ଭଲ ଦରରେ ବିକ୍ରି କରାଯାଏ ଓ କୁଣ୍ଡାରୁ ଏକ ପ୍ରକାର ତେଲ ପ୍ରସ୍ତୁତ କରାଯାଇ ବିକ୍ରି ହୁଏ। ଖୁଦର କିଛି ଅଂଶ ମିଲର ମାନେ ଚାଉଳରେ ମିଶେଇ ଦିଅନ୍ତି ଏବଂ ବଳକା ଖୁଦ ମଦ କାରଖାନାକୁ ବିକ୍ରି ହୁଏ। ଏ ବାବଦରେ ରାଜ୍ୟର ମିଲର ମାନେ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ଆୟ କରନ୍ତି। ମାତ୍ର ଏଥିପାଇଁ ମିଲର ମାନେ ସରକାରଙ୍କୁ ଗୋଟିଏ ଟଙ୍କା ଟିକସ ମଧ୍ୟ ଦିଅନ୍ତି ନାହିଁ। ଏ କଥା ସାଧାରଣ ଚାଷୀ ହୁଏତ ଜାଣିନି, ହେଲେ ସରକାର ଓ ସରକାରୀ କଳ ଏ ବିଷୟରେ ବେଶ ଅବଗତ। ସୁତରାଂ କେବଳ ଧାନର ଉପଜାତ ବିକ୍ରି କରି ପ୍ରଚୁର ମୁନାଫା ଅର୍ଜନ କରୁଥିବା ମିଲର ମାନଙ୍କର ଧାନ ଖରିଦ ହଠାତ୍ ବନ୍ଦ କରି ଆନ୍ଦୋଳନ କରିବା ପଛରେ ସରକାରୀ ଦୁରଭିସନ୍ଧି ଓ ସରକାର - ମିଲର ମଧୁଚନ୍ଦ୍ରିକା ସ୍ପଷ୍ଟ ବାରିହୋଇ ପଡୁଛି।

ମିଲର ମାନଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହେବାର ୩ ଦିନ ପରେ କୃଷି ମନ୍ତ୍ରୀଙ୍କ ବୟାନ ଆମର ଏହି ସନ୍ଦେହକୁ ଦୃଢ଼ୀଭୂତ କରୁଛି। ମନ୍ତ୍ରୀ ମହୋଦୟ ହଠାତ ଘୋଷଣା କଲେ ମଣ୍ଡିରେ ଯେଉଁ ଚାଷୀ ୫୦ କ୍ୱିଂଟାଲରୁ ଅଧିକ ଧାନ ବିକ୍ରି କରିବ ତାର ରେସନ କାର୍ଡ କଟିବ, ପୁଣି ଯେଉଁ ଚାଷୀ ୧୫୦ କ୍ୱିଂଟାଲ ବା ତା ଠାରୁ ଅଧିକ ଧାନ ମଣ୍ଡିରେ ବିକ୍ରି କରିବ ତାକୁ ୮୦୦ ଟଙ୍କା ସବସିଡି ମିଳିବ ନାହିଁ। ରାଜ୍ୟରେ ଉତ୍ପାଦିତ ମୋଟ ଧାନର କ୍ଷୁଦ୍ର ଅଂଶ ଓ ଚଳିତ ବର୍ଷ ଧାନ ଖରିଦର ସରକାରୀ ଲକ୍ଷ୍ୟଠାରୁ ଯଥେଷ୍ଟ କମ ହେଲେ ମଧ୍ୟ ଇତି ମଧ୍ୟରେ ମଣ୍ଡି ଜରିଆରେ ବେଶକିଛି ପରିମାଣର ଧାନ ସରକାର ଖରିଦ କରିଛନ୍ତି। ମାତ୍ର ଏତେଦିନ ଧରି ଧାନ କିଣିବାପରେ ମନ୍ତ୍ରୀ ମହୋଦୟଙ୍କ ଏହି ଘୋଷଣା ଯେକୌଣସି ଲୋକକୁ ଚକିତ କରିବ, କାରଣ ଏହି ନିୟମ ଇତି ପୂର୍ବରୁ ଖରିଦ କରାଯାଇଥିବା ଧାନ ପାଇଁ ଲାଗୁ ହୋଇନାହିଁ। ଚାଷୀ ମାନଙ୍କପାଇଁ ଅଦିନରେ ବଜ୍ରପାତ ଭଳି ହେଲେ ମଧ୍ୟ ମନ୍ତ୍ରୀ ମହୋଦୟଙ୍କ ଏହି ଘୋଷଣା ପ୍ରମାଣ କରୁଛିଯେ ସରକାର ମଣ୍ଡି ଜରିଆରେ ଧାନ ଖରିଦକୁ ଯେତେ ଅଧିକ ସମ୍ଭବ ସୀମିତ କରିଦେବାକୁ ଚାହୁଁଛନ୍ତି ଏବଂ ସେଥିପାଇଁ ସମସ୍ତ ପ୍ରକାର ଉଦ୍ୟମ ଓ ପଦକ୍ଷେପ ଗ୍ରହଣ କରି ଚାଲିଛନ୍ତି। ମିଲର ମାନଙ୍କ ପ୍ରାୟୋଜିତ ଆନ୍ଦୋଳନ ଏହି ଉଦ୍ୟମର ଅଂଶବିଶେଷ ବୋଲି ବର୍ତ୍ତମାନ ସ୍ପଷ୍ଟ ହୋଇଛି।

ମଣ୍ଡିରେ ଏହି ଧରଣର ହାହାକାରମୟ ପରିସ୍ଥିତି ଲାଗି ରହିବାରୁ ଚାଷୀ ବିଭିନ୍ନ ଦାବି ନେଇ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେଲେ। ବିଭିନ୍ନ ସ୍ଥାନରେ ରାସ୍ତାରୋକ, ସରକାରୀ ଅଧିକାରୀ ମାନଙ୍କୁ ଘେରାଉ, ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ଇତ୍ୟାଦି କରିବାକୁ ଚାଷୀ ବାଧ୍ୟ ହେଲା। ଏପରିକି ମଣ୍ଡିରେ ଧାନ ଖରିଦକୁ ଶୃଙ୍ଖଳିତ କରିବା, ଟୋକନ ସମସ୍ୟା ଦୂର କରିବା ଓ ଅନ୍ୟାନ୍ୟ ଦାବିରେ ଚାଷୀ ମାନଙ୍କ ପାଖରୁ ସମ୍ବଲପୁର ବନ୍ଦ ଡାକରା ମଧ୍ୟ ଦିଆଗଲା। ମାତ୍ର ଲୋକଙ୍କ ସରକାର ବୋଲି ଦାବି କରାଯାଉଥିବା ରାଜ୍ୟ ବିଜେପି ସରକାର ଚାଷୀ ମାନଙ୍କର ନ୍ୟାର୍ଯ୍ୟ ଦାବି ପୂରଣ କରିବା ପରିବର୍ତ୍ତେ ଚାଷୀ ମାନଙ୍କ ଉପରେ ଆକ୍ରମଣ ଆରମ୍ଭ କରିଛନ୍ତି। ପ୍ରଥମେ ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏକ ସାଧାରଣ ସଭାରେ ଖୋଲା ଖୋଲି ଚାଷୀ ମାନଙ୍କ ଆନ୍ଦୋଳନକୁ ଅତ୍ୟନ୍ତ ଆକ୍ରମଣାତ୍ମକ ନୌଟଙ୍କି ବା ନାଟକ ବୋଲି କହିଲେ ଏବଂ ତାଙ୍କ ସରକାର ଏ ସବୁକୁ ଖାତିର କରନ୍ତି ନାହିଁ ଓ ଆମେ ଦେଖିନେବୁ ବୋଲି ଖୋଲାଖୋଲି ଭାବେ ଚାଷୀମାନଙ୍କୁ ଧମକ ଦେଲେ। ସରକାର ଓ ମନ୍ତ୍ରୀଙ୍କର ଏହି ଧମକ ଯେ କିଭଳି ତୁରନ୍ତ କାର୍ଯ୍ୟକାରୀ ହୋଇଛି ତାହା ମଧ୍ୟ ତୁରନ୍ତ ରାଜ୍ୟର ଜନସାଧାରଣ ପ୍ରତ୍ୟକ୍ଷ କଲେ। ସ୍ୱାଭାବିକ ଭାବରେ ଚାଷୀ ମାନଙ୍କ ପକ୍ଷରୁ ଏହାର ବିରୋଧ କରାଗଲା ଓ ଏହିଭଳି ଔଦ୍ଧତ୍ୟ ପୂର୍ଣ୍ଣ ଆଚରଣ ପାଇଁ କ୍ଷମା ମାଗିବା ଦାବି କରାଗଲା। କ୍ଷମା ମାଗିବେ କଣ, ସୋନପୁରଠାରେ ମନ୍ତ୍ରୀଙ୍କର ଏହି ବକ୍ତବ୍ୟର ବିରୋଧ କରୁଥିବା ଚାଷୀ ମାନଙ୍କ ଉପରେ ମନ୍ତ୍ରୀଙ୍କ ପ୍ରରୋଚନାରେ ରକ୍ତାକ୍ତ ଆକ୍ରମଣ କରାଗଲା। କଟା ଘା'ରେ ଚୂନ ଲେପିବା ଭଳି ଚାଷୀ ମାନଙ୍କ ଉପରେ ନିର୍ମମ ଶାରୀରିକ ଆକ୍ରମଣ ଚାଲିଥିଲା ବେଳେ ରାଜ୍ୟ ଯୋଗାଣ ମନ୍ତ୍ରୀ ନିଜର ହକ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେଉଥିବା ଚାଷୀ ମାନଙ୍କୁ ଉପହାସ କରି ଏହି ତଥାକଥିତ ଡବଲ ଇଞ୍ଜିନ ସରକାରର କଦର୍ଯ୍ୟ, କୁତ୍ସିତ ଜନବିରୋଧୀ ଚରିତ୍ରର ପ୍ରମାଣ ହିଁ ଦେଇଥିଲେ। ଏହା ହେଉଛି ଆମ ରାଜ୍ୟରେ ଚାଷୀର ଅବସ୍ଥା ଓ ଚାଷୀ ମାନଙ୍କ ସମସ୍ୟା ପ୍ରତି ରାଜ୍ୟ ସରକାରଙ୍କ ଆଭିମୁଖ୍ୟ। ଏହି ପରିସ୍ଥିତିରେ ଲଗାତର, ସୁସଂଗଠିତ, ଶକ୍ତିଶାଳୀ ଓ ମିଳିତ ଆନ୍ଦୋଳନ ହିଁ ଚାଷୀମାନଙ୍କ ନିକଟରେ ଏକମାତ୍ର ବିକଳ୍ପ।

★★★

Regd.No-ORI ORI/2011/37220 • VOL. NO. 13, ISSUE NO. 19 • ମୂଲ୍ୟ-୫ଟଙ୍କା

## ବାରମ୍ବାର ରେଳ ଭଡ଼ା ବୃଦ୍ଧି ନିନ୍ଦନୀୟ- ଏସ୍‌ୟୁସିଆଇ(ସି)

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସାଧାରଣ ସଂପାଦକ କମ୍ରେଡ୍ ପ୍ରଭାସ ଘୋଷ ଡିସେମ୍ବର ୨୨ ତାରିଖରେ ଜାରୀ କରଯାଇଥିବା ଏକ ବିବୃତିରେ କହିଛନ୍ତି ଯେ - ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର କମର୍ଚାରୀ ସଂଖ୍ୟା ବୃଦ୍ଧି କରିବା ଆଳରେ ଡିସେମ୍ବର ୨୬ ରୁ ୨୦୨୫ ମସିହାରେ ଦ୍ୱିତୀୟ ଥର ପାଇଁ ଉଭୟ ସାଧାରଣ ଏବଂ ଶୀତତାପ ନିୟନ୍ତ୍ରିତ ଯାତ୍ରା ପାଇଁ ସମସ୍ତ ଶ୍ରେଣୀର ଭଡ଼ା ମନଇଚ୍ଛା ଏବଂ ଏକପାଖିଆ ଭାବରେ ବୃଦ୍ଧି କରିଛନ୍ତି। ରେଳ ଭଡ଼ା ବୃଦ୍ଧି ଏକ ସାଧାରଣ ବିଷୟରେ ପରିଣତ ହୋଇଥିଲାବେଳେ ଟ୍ରେନ ଯାତ୍ରା ଏକ ଦୁଃସ୍ୱପ୍ନରେ ପରିଣତ ହୋଇଛି। ଦୁର୍ଘଟଣା ବୃଦ୍ଧି ପାଉଛି, ଟ୍ରେନଗୁଡ଼ିକର ସମୟାନୁବର୍ତ୍ତୀତା କ୍ଷେତ୍ରରେ ବେଦନାଦାୟକ ପରିସ୍ଥିତି ସୃଷ୍ଟି ହୋଇଛି, ରେଳ ବଗି ଗୁଡ଼ିକର ରକ୍ଷଣାବେକ୍ଷଣ କ୍ଷେତ୍ରରେ ଚରମ ଅବହେଳା ପ୍ରଦର୍ଶନ କରାଯାଉଛି, ଶୌଚାଳୟ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର, ପ୍ଲାଟଫର୍ମ ମଇଳା, ବିଶ୍ରାମାଗାର ଜରାଜୀର୍ଣ୍ଣ, ଯୋଗାଇ ଦିଆଯାଉଥିବା ଖାଦ୍ୟର ମୂଲ୍ୟ ଅତ୍ୟଧିକ କିନ୍ତୁ ଗୁଣବତ୍ତା ଅତ୍ୟନ୍ତ ନିମ୍ନ ସ୍ତରର, ବ୍ୟାପକ ଦୁର୍ନୀତି ଏବଂ ସର୍ବୋପରି, ଯାତ୍ରୀ ସୁରକ୍ଷା ବିପଦଗ୍ରସ୍ତ। ଏହିଭଳି ପରିସ୍ଥିତିରେ ଯାତ୍ରୀମାନଙ୍କୁ ଆବଶ୍ୟକ ସୁବିଧା ପ୍ରଦାନ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ବିଷୟରେ ଚିନ୍ତା କରିବା ପରିବର୍ତ୍ତେ, ଏହି ସରକାରଙ୍କ ଏକମାତ୍ର କାମ ହେଉଛି ପର୍ଯ୍ୟାୟକ୍ରମେ ଭଡ଼ା ବୃଦ୍ଧି କରି ଏବଂ ଯାତ୍ରୀମାନଙ୍କୁ ଅଧିକରୁ ଅଧିକ ଶୋଷଣକରି ରାଜସ୍ୱ ବୃଦ୍ଧି କରିବା। ଏହି ଭଡ଼ା ବୃଦ୍ଧି ଫଳରେ ସରକାରଙ୍କ ଆୟ ପ୍ରଚୁର ବୃଦ୍ଧି ପାଇବ। ଏହା ସତ୍ତ୍ୱେ ଟ୍ରେନ ଯାତ୍ରୀଙ୍କ ଦୁର୍ଦ୍ଦଶା ଜାରି ରହିବ।

ଆମେ ଏହି ଯାତ୍ରୀ ଭଡା ବୃଦ୍ଧିକୁ ଦୃଢ଼ ନିନ୍ଦା କରୁଛୁ ଏବଂ ଏହାର ପ୍ରତିବାଦ କରିବା ପାଇଁ ଯାତ୍ରୀ କମିଟି ଗଠନ କରିବାକୁ ସମସ୍ତଙ୍କୁ ଆହ୍ୱାନ କରୁଛୁ। କେବଳ ଟ୍ରେନ ଭଡ଼ା ବୃଦ୍ଧିକୁ ରୋକିବା ପାଇଁ ନୁହେଁ, ବରଂ ଟ୍ରେନ ଯାତ୍ରାର ବର୍ତ୍ତମାନର ଖର୍ଚ୍ଚ ହ୍ରାସ କରିବା ଏବଂ ଯାତ୍ରୀ ସୁରକ୍ଷା, ସମୟାନୁବର୍ତ୍ତିତା ଏବଂ ଯାତ୍ରୀ ମାନଙ୍କପାଇଁ ଉପଯୁକ୍ତ ସୁବିଧା ସୁନିଶ୍ଚିତ କରିବା ପାଇଁ ମଧ୍ୟ ଆହ୍ୱାନ କରୁଛୁ।

## ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣକୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ତୀବ୍ର ନିନ୍ଦା

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ସାଧାରଣ ସଂପାଦକ କମ୍ରେଡ ପ୍ରଭାଷ ଘୋଷ ଜାନୁଆରୀ ୫ ତାରିଖରେ ଜାରୀ ବିବୃତିରେ କହିଛନ୍ତି -"ସମସ୍ତ ଆନ୍ତର୍ଜାତୀୟ ନିୟମ ଓ ପରମ୍ପରାକୁ ଉଲ୍ଲଂଘନ କରି ଯୁଦ୍ଧଖୋର ସାମ୍ରାଜ୍ୟବାଦୀ ଆମେରିକା ଭେନେଜୁଏଲା ଉପରେ ବୋମା ମାଡ଼ କରିଛି ଏବଂ ଡ୍ରଗ୍ସ କାରବାରର ମିଥ୍ୟା ଅଭିଯୋଗରେ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଅପହରଣ କରିଛି। ଏହା ଅତୀତରେ ଇରାକ ଉପରେ ଆକ୍ରମଣ ଏବଂ ସଦ୍ଦାମ ହୁସେନଙ୍କୁ ହତ୍ୟା କରିବା ପାଇଁ ବ୍ୟବହୃତ ହୋଇଥିବା ମିଥ୍ୟା ପ୍ରଚାରର ପୁନରାବୃତ୍ତି। ପ୍ରକୃତରେ, ମାର୍କିନ ସାମ୍ରାଜ୍ୟବାଦ ଭେନେଜୁଏଲାର ବିଶାଳ ତୈଳ ସଂପଦକୁ କବ୍ଜା କରିବା ପାଇଁ ମାଦୁରୋଙ୍କୁ କ୍ଷମତାରୁ ହଟାଇ ସେଠାରେ ଏକ ସଖିକଣ୍ଢେଇ ସରକାର ପ୍ରତିଷ୍ଠା କରିବାକୁ ବହୁ ଦିନରୁ ଷଡ଼ଯନ୍ତ୍ର କରୁଥିଲା। ଆମେ ମାର୍କିନ ସାମ୍ରାଜ୍ୟବାଦର ଏହି ଅପରାଧିକ କାର୍ଯ୍ୟକୁ ଦୃଢ଼ ନିନ୍ଦା କରୁଛୁ। ଆମେ ଏହା ମଧ୍ୟ ଲକ୍ଷ୍ୟ କରୁଛୁ ଯେ, ସାରା ବିଶ୍ୱର ସାମ୍ରାଜ୍ୟବାଦ ବିରୋଧୀ ଜନସାଧାରଣ ଏହି ଘଟଣାକୁ ନିନ୍ଦା କରୁଥିଲାବେଳେ ବିଜେପି ନେତୃତ୍ୱାଧୀନ ଭାରତ ସରକାର ଏହି ଘଟଣାରେ ନୀରବ ରହିଛନ୍ତି।"

ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଖବର ପାଇବା ମାତ୍ରେ, ଆମ ଦଳ ପକ୍ଷରୁ ଜାନୁଆରୀ ୩ ଏବଂ ୪ ତାରିଖରେ ବିଭିନ୍ନ ରାଜ୍ୟର ରାଜଧାନୀରେ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ଜାନୁଆରୀ ୬ ତାରିଖରୁ ଦେଶର କୋଣ ଅନୁକୋଣରେ ଦଳ ପକ୍ଷରୁ ଏକ ସପ୍ତାହ ବ୍ୟାପୀ ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜିତ ହେବ। ଆମେ ସମସ୍ତ ସାମ୍ରାଜ୍ୟବାଦ ବିରୋଧୀ, ଶାନ୍ତିପ୍ରିୟ ଦେଶବାସୀଙ୍କୁ ମାର୍କିନ ସାମ୍ରାଜ୍ୟବାଦୀ ମାନଙ୍କର ଗୁଣ୍ଡାରାଜ ବିରୋଧୀ ଏହି ପ୍ରତିବାଦରେ ସାମିଲ ହେବାକୁ ଆହ୍ୱାନ କରୁଛୁ।

## ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ପ୍ରତିବାଦରେ ଶରଣକୁଳଠାରେ ବିକ୍ଷୋଭ

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଶରଣକୁଳ ଠାରେ ଭେନେଜୁଏଲା ଉପରେ ଆମେରିକାର ଅତର୍କିତ ବର୍ବର ଆକ୍ରମଣ ଓ ସେହି ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ରର ରାଷ୍ଟ୍ରପତି ଓ ତାଙ୍କ ପତ୍ନୀଙ୍କୁ ଶୋଇଥିବା ଅବସ୍ଥାରେ ଅପହରଣ କରିବା ଘଟଣାକୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ସମଗ୍ର ଦେଶରେ ପ୍ରତିବାଦ କରାଯାଉଛି। ଏହି ପରିପ୍ରେକ୍ଷୀରେ ପାର୍ଟିର ଶରଣକୁଳ ଶାଖା ପକ୍ଷରୁ କମ୍ରେଡ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଛାତ୍ର, ଯୁବକ ଓ ବୁଦ୍ଧିଜୀବୀ ମାନେ ମିଳିତ ଭାବରେ ଏହାର ପ୍ରତିବାଦ କରିଥିଲେ। ଏହି ବିକ୍ଷୋଭରେ ସଂଗ୍ରାମ ମହାପାତ୍ର, ଓମ୍ ପ୍ରକାଶ ଦଳାଇ, ବାବୁଲ ମହାପାତ୍ର, ବିଶ୍ୱଜିତ୍ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## କଟକରେ ବିଶିଷ୍ଟ ନାଗରିକଙ୍କ ପକ୍ଷରୁ କମ୍ରେଡ୍ ବୀଣାପାଣି ଦାସଙ୍କ ସ୍ମୃତିଚାରଣ




ବିପ୍ଳବିଣୀ ବୀଣାପାଣି ଦାସଙ୍କ ସ୍ମୃତି ଚାରଣ ଉଦ୍ଦେଶ୍ୟରେ ବିଭିନ୍ନ ସ୍ତରରେ ବିଶିଷ୍ଟ ନାଗରିକମାନେ ଜାନୁଆରୀ ୫ତାରିଖ ଦିନ କଟକ ସହରର ଗାନ୍ଧୀଭବନଠାରେ ଏକତ୍ରିତ ହୋଇଥିଲେ। ଏହି ଉପଲକ୍ଷେ ଏକ ସ୍ମରଣସଭା ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ଶଶିଭୂଷଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଶୀତ ଲହରୀ ସତ୍ତ୍ୱେ ବହୁ ବରିଷ୍ଠ ବୁଦ୍ଧିଜୀବୀ, ବିଭିନ୍ନ ସ୍ତରର ବିଶିଷ୍ଟ ନାଗରିକମାନେ ସଭାରେ ଯୋଗଦେଇ ବୀଣାପାଣି ଦାସଙ୍କ ସଂଘର୍ଷମୟ ଜୀବନର ବହୁ ଗୁରୁତ୍ୱପୂର୍ଣ୍ଣ ଓ ଶିକ୍ଷଣୀୟ ଦିଗ ଉପସ୍ଥାପନ କରିଥିଲେ। ମହାନଗର ନାଗରିକ ମଂଚ ପକ୍ଷରୁ ଚିତ୍ତରଂଜନ ମହାନ୍ତି, ଓଡିଶା ଉଚ୍ଚନ୍ୟାୟାଳୟର ବିଶିଷ୍ଟ ଆଡଭୋକେଟ୍ ଗୁରୁ ମହାନ୍ତି, ପ୍ରଫେସର ବିରେନ୍ଦ୍ର ନାୟକ, ଆଇନଜୀବୀ କ୍ଷୀରୋଦ ରାଉତ, ରବିରାୟ ଏକାଡେମୀ ପକ୍ଷରୁ ଇଂ କ୍ଷୀରୋଦ ଚନ୍ଦ୍ର ମହାପାତ୍ର, ଗାନ୍ଧୀ ସ୍ମାରକନିଧି ପକ୍ଷରୁ ଡକ୍ଟର ବିଶ୍ୱଜିତ, ପୂର୍ବତନ ଛାତ୍ର ନେତା ପ୍ରତାପ ଶତପଥି, କମ୍ରେଡ୍ ରବି ମଲ୍ଲିକ, କମ୍ରେଡ୍ ଦ୍ୱାରିକାନାଥ ରଥ, ସମାଜସେବୀ ଡଲି ଦାସ, ଯୁବ ଆଡଭୋକେଟ୍ ଅରବିନ୍ଦ ମଲ୍ଲିକ, ଆଡଭୋକେଟ୍ ସୁକାନ୍ତ ନାୟକ, ଏଆଇଏମ୍ଏସ୍ଏସ୍‌ର ସର୍ବଭାରତୀୟ ସଂପାଦିକା ଛବି ମହାନ୍ତି, ବିଶ୍ୱାବସୁ ଦାସ, ବରିଷ୍ଠ ନାଗରିକ ଶ୍ୟାମସୁନ୍ଦର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମାଜସେବୀ ଶର୍ମିଷ୍ଠା ନାଥ ପ୍ରେରଣ କରିଥିବା କମ୍ରେଡ୍ ବୀଣାପାଣି ଦାସଙ୍କ ଉପରେ ରଚିତ କବିତା ପାଠ କରିଥିଲେ କବି ଅକ୍ଷୟ ରାଉଳ। ଶ୍ରୀଯୁକ୍ତ ଅନନ୍ତ ପରିଡା ପ୍ରେରଣ କରିଥିବା ନିଜ ସ୍ମୃତି କଥା ପାଠ କରିଥିଲେ ରେଭେନ୍ସା ମହାବିଦ୍ୟାଳୟର ପ୍ରଫେସର ଡକ୍ଟର ସିଦ୍ଧାର୍ଥ ଭରଦ୍ୱାଜ। ଏକ ଭାବଗମ୍ଭୀର ଓ ଶୋକାକୂଳ ପରିବେଶ ମଧ୍ୟରେ ଏକ ନୂତନ ଅଙ୍ଗୀକାର ନେଇ ସଭା ଶେଷ ହୋଇଥିଲା।

## କାଠମାଣ୍ଡୁଠାରେ ବିଶ୍ୱ ମହିଳା ସମ୍ମିଳନୀରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନର ଯୋଗଦାନ




ଇଣ୍ଟରନ୍ୟାସନାଲ୍ କୋର୍ଡିନେସନ ଅଫ ରିଭଲ୍ୟୁସନାରୀ ପାର୍ଟିସ୍ ଆଣ୍ଡ ଅର୍ଗାନାଇଜେସନସ୍-ICOR, ଓ୍ୱିମେନ୍ସ ପକ୍ଷରୁ ନଭେମ୍ବର ୨୬,୨୭,୨୮ ଓ ୨୯ ଚାରି ଦିନ ଧରି ଦ୍ୱିତୀୟ ବିଶ୍ୱ ମହିଳା ସମ୍ମିଳନୀ (WWC) ନେପାଳର ରାଜଧାନୀ କାଠମାଣ୍ଡୁଠାରେ ଅନୁଷ୍ଠିତ ହୋଇଯାଇଛି। ଏସିଆ, ଆଫ୍ରିକା, ଇଉରୋପ ଓ ଲାଟିନ ଆମେରିକାରୁ ଜର୍ମାନୀ, ରୁଷିଆ, ଫ୍ରାନ୍ସ, ତୁର୍କୀ, ଇରାନ, ଆଫଗାନିସ୍ଥାନ, ପେରୁ, କଙ୍ଗୋ, ଟୋଗୋ, ଇଥିଓପିଆ, ନେଦରଲ୍ୟାଣ୍ଡ, ଭାରତ, ଶ୍ରୀଲଙ୍କା, ବାଂଲାଦେଶ, ନେପାଳ ସମେତ ୨୧ ଟି ଦେଶରୁ - ବହୁ ମହିଳା ସଂଗଠନ ଏବଂ ସେମାନଙ୍କର ୩୨୮ ଜଣ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ଭାରତରୁ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ (AIMSS)ର ସର୍ବ ଭାରତୀୟ ସାଧାରଣ ସଂପାଦିକା କମ୍ରେଡ ଛବି ମହାନ୍ତି ଏବଂ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପଶ୍ଚିମବଙ୍ଗ ରାଜ୍ୟ କମିଟି ସଭ୍ୟ କମ୍ରେଡ ପ୍ରତିଭା ନାୟକ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ।

ନଭେମ୍ବର ୨୬ ତାରିଖରେ ଏହି ସମ୍ମିଳନୀର ପରିଚାଳନା ପାଇଁ ଗଠିତ ସଭାପତି ମଣ୍ଡଳୀରେ କମ୍ରେଡ ଛବି ମହାନ୍ତି ସାମିଲ ହୋଇଥିଲାବେଳେ କମ୍ରେଡ ପ୍ରତିଭା ନାୟକ ଭାରତରେ ମହିଳାମାନଙ୍କ ଉପରେ ବଢ଼ି ଚାଲିଥିବା ସୀମାହୀନ ଅତ୍ୟାଚାର, ଧର୍ଷଣ, ଗଣ ଧର୍ଷଣ ଓ ନୃଶଂସ ହତ୍ୟା ଉପରେ ଆଲୋକପାତ କରିଥିଲେ।

ନଭେମ୍ବର ୨୭, ୨୮ଓ ୨୯ ରେ ପାଲେଷ୍ଟାଇନର ଗାଜାରେ ନିରପରାଧ ଜନସାଧାରଣ, ବିଶେଷ ଭାବେ ନାରୀ ଓ ଶିଶୁ ମାନଙ୍କ ନୃଶଂସ ହତ୍ୟା ଘଟଣାକୁ ନିନ୍ଦା କରାଯାଇ ତା ବିରୁଦ୍ଧରେ ବିଶ୍ୱବ୍ୟାପୀ ଜନ ମତ ସୃଷ୍ଟି କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଅବିଳମ୍ବେ ଏକ ପ୍ରତିନିଧିମଣ୍ଡଳୀ ଗାଜା ଅଭିମୁଖେ ଯାତ୍ରା କରିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ନାରୀ ମୁକ୍ତି ଯଥାର୍ଥରେ ଅର୍ଜନ କରିବାକୁ ହେଲେ ସମଗ୍ର ବିଶ୍ୱରେ ଶୋଷଣମୂଳକ ପୁଞ୍ଜିବାଦ-ସାମ୍ରାଜ୍ୟବାଦର ଧ୍ୱଂସ ସାଧନ ଏବଂ ସମାଜବାଦ ପ୍ରତିଷ୍ଠା କରିବାର ଜରୁରୀ ଆବଶ୍ୟକତା ଉପରେ ବିଷଦ ଆଲୋଚନା କରାଯାଇଥିଲା। ପୁନଶ୍ଚ ଏହି ଉଦ୍ଦେଶ୍ୟ ସାଧନ ପଥରେ ପୁଞ୍ଜିବାଦ - ସାମ୍ରାଜ୍ୟବାଦର ଶେଷ ରକ୍ଷା କବଚ ଫାସିବାଦ କିପରି ପ୍ରତିବନ୍ଧକ ସୃଷ୍ଟି କରୁଛି ତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ସର୍ବୋପରି ପ୍ରଗତିଶୀଳ ମହିଳା ସଂଗଠନମାନଙ୍କ ନେତୃତ୍ୱରେ ବିଶ୍ୱବ୍ୟାପୀ ଶକ୍ତିଶାଳୀ ମହିଳା ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ନିଷ୍ପତ୍ତି କରାଯାଇଥିଲା। ଏହି ଦାୟିତ୍ୱକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଏଆଇଏମ୍ଏସଏସ ସମେତ ଉପସ୍ଥିତ ବିଭିନ୍ନ ଦେଶର ପ୍ରଗତିଶୀଳ ବିପ୍ଳବୀ ମହିଳା ସଂଗଠନମାନଙ୍କୁ ସାମିଲ କରି ଏକ ଆନ୍ତର୍ଜାତିକ କମିଟି ଗଠନ କରାଯାଇଛି। ଉପରୋକ୍ତ ସମସ୍ତ ବିଷୟ ଗୁଡ଼ିକରେ ଅଂଶଗ୍ରହଣ କରି କମ୍ରେଡ ଛବି ମହାନ୍ତି ଏବଂ କମ୍ରେଡ ପ୍ରତିଭା ନାୟକ ବକ୍ତବ୍ୟ ରଖିଥିଲେ।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das